ଷୋଡ଼ଶ ବର୍ଷରେ ପଦାର୍ପଣ

ଶିକ୍ଷା, ସଂସ୍କୃତି ଓ ପ୍ରଗତିଭିତ୍ତିକ ସମ୍ବାଦପତ୍ର

Tejaswini

# ତେଜସ୍ୱିନୀ

Page - 08 Rs. 7.00

ବର୍ଷ-୧୬, ସଂଖ୍ୟା-୩୮, ଭୁବନେଶ୍ୱର: ସେପ୍ଟେମ୍ବର ୨୯-୦୫, ୨୦୨୫ Vol-16, Issue-38, Bhubaneswar : September 29-05, 2025

RNI NO.ODIODI/2010/33715

## ଶ୍ରୀଲିଙ୍ଗରାଜ ମନ୍ଦିର ନିକଟରେ 'ଗଣସଫେଇ ଅଭିଯାନ'

# ଆବର୍ଜନାରୁ କୋଇଲା, ଶକ୍ତି ଉତ୍ପାଦନ ପାଇଁ ଆମର ଯୋଜନା: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର: ଓଡ଼ିଶାକୁ ସମୃଦ୍ଧ ଓଡ଼ିଶା ଓ ନୂଆ ଓଡ଼ିଶାରେ ପରିଣତ କରିବା ପାଇଁ ଆମ ସମସ୍ତଙ୍କୁ ଆଜି ସଂକଳ୍ପ ନେବାକୁ ପଡ଼ିବ। ସ୍ୱଚ୍ଛତା କ୍ଷେତ୍ରରେ ସମସ୍ତଙ୍କୁ ଅଧିକ ସଚେତନ କରାଇବାର ଆବଶ୍ୟକତା ରହିଛି। ସଫେଇ କ୍ଷେତ୍ରରେ ଦେଶର ପ୍ରଥମ ତିନୋଟି ସ୍ଥାନରେ ରହିବା ପାଇଁ ଆମ ସମସ୍ତଙ୍କୁ କାର୍ଯ୍ୟ କରିବାକୁ ପଡ଼ିବ। ଆଗାମୀ ଦିନରେ ଆବର୍ଜନାରୁ କୋଇଲା ଏବଂ କୋଇଲାରୁ ଶକ୍ତି ଉତ୍ପାଦନ କରିବା ପାଇଁ ଆମର ଯୋଜନା ରହିଛି। ଏହି ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।



ସ୍ୱଚ୍ଛତା ହି ସେବା ୨୦୨୫ ଅଭିଯାନ ଏବଂ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ୧୧୦ତମ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ଭୁବନେଶ୍ୱର ଶ୍ରୀଲିଙ୍ଗରାଜ ମନ୍ଦିର ପାର୍ଶ୍ୱରେ ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଆୟୋଜିତ ଗଣସଫେଇ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ, ବିଧାୟକ, ମେୟର, ସ୍ଥାନୀୟ ଜନସାଧାରଣ ଓ ଛାତ୍ରଛାତ୍ରୀ ସଫେଇ କରିଥିଲେ। 'ଏକ୍ ପେଡ୍ ମା କେ ନାମ୍ ୨.୦' କାର୍ଯ୍ୟକ୍ରମରେ ସ୍ଥାନୀୟ ଦେବୀପାଦହରା ପୁଷ୍କରିଣୀ ନିକଟରେ ମୁଖ୍ୟମନ୍ତ୍ରୀ ବୃକ୍ଷରୋପଣ କରିଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି, ଉଦ୍‌ବୋଧନ ଦେଇ କହିଥିଲେ, ଆଜିର ଦିନଟି ସାଧାରଣ ଦିନ ନୁହେଁ, ଏହା ଆମ ଦେଶର ମହାନ ଚିନ୍ତକ, ରାଷ୍ଟ୍ରଭକ୍ତ ଓ ଆଦର୍ଶବାଦୀ ନେତାଙ୍କୁ ସ୍ମରଣ କରି ତାଙ୍କ ମୂଲ୍ୟବୋଧ ଓ ନୀତିକୁ ଆଗାମୀ ପିଢ଼ି ସାମ୍ନାରେ ଉପସ୍ଥାପିତ କରିବାର ଅବସର। ସେ କହିଥିଲେ ଭାରତୀୟ ସାଂସ୍କୃତିକ ବିଚାରଧାରା ସହିତ ସ୍ୱତନ୍ତ୍ର ଅର୍ଥନୈତିକ ଚିନ୍ତାଧାରାର ପ୍ରସାର କ୍ଷେତ୍ରରେ ଯଦି କାହାର ସର୍ବାଧିକ ଅବଦାନ ଥାଏ ସେ ହେଉଛନ୍ତି ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ। ସେ ଏକାତ୍ମ ମାନବବାଦରେ ବିଶ୍ୱାସ କରୁଥିଲେ । ତାଙ୍କର ଚିନ୍ତାଧାରା ଥିଲା ଅନ୍ତ୍ୟୋଦୟ ଅର୍ଥାତ୍ ସମାଜର ସବୁଠୁ ଶେଷସୀମାରେ ଥିବା ମଣିଷ ପାଖରେ ଉନ୍ନତିର ଆଲୋକ ପହଞ୍ଚିବା ଆବଶ୍ୟକ। ଦୀନଦୟାଲଙ୍କ ଆଦର୍ଶକୁ ପାଥେୟ କରି ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀ ଦେଶରେ ଗୁଡ୍ ଗଭର୍ଣ୍ଣାସ୍‌ର ପ୍ରତିଷ୍ଠା କରିଥିଲେ। ସାଂପ୍ରତିକ ପରିସ୍ଥିତିରେ ପଣ୍ଡିତ ଦୀନଦୟାଲଙ୍କ ସବୁଠାରୁ ବଡ଼ ଉପାସକ ହେଉଛନ୍ତି ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ। ରାଜ୍ୟବାସୀଙ୍କ ଉତ୍ସାହ, ଆଗ୍ରହ ଓ ସହଯୋଗ ବଳରେ 'ଏକ୍ ପେଡ୍ ମା କେ ନାମ୍ ୨.୦' ଅଭିଯାନରେ ଆମେ ଧାର୍ଯ୍ୟ ଲକ୍ଷ୍ୟର ନିକଟବର୍ତ୍ତୀ ହୋଇସାରିଲୁଣି। ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଭାରତବର୍ଷରେ ଓଡ଼ିଶାର ସ୍ୱତନ୍ତ୍ରତା ରହିଛି। କାର୍ଯ୍ୟକ୍ରମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂ, ଭୁବନେଶ୍ୱର ମହାନଗର ନିଗମ ମେୟର୍ ସୁଲୋଚନା ଦାସ, କର୍ପୋରେଟର୍ ବୃନ୍ଦ, ସମାଜସେବୀ ଜଗନ୍ନାଥ ପ୍ରଧାନ ଓ ଅନ୍ୟ ନେତୃବୃନ୍ଦ ଉପସ୍ଥିତ ଥିଲେ। ଭୁବନେଶ୍ୱର ମହାନଗର ନିଗମର କମିଶନର ଚଞ୍ଚଳ ରାଣା ସ୍ୱାଗତ ଭାଷଣ ଦେଇଥିଲେ।

## ସ୍ଥାପନ ହେବ ୭୫ ବରପୁତ୍ରଙ୍କ ନୂତନ ପ୍ରତିମୂର୍ତ୍ତି

ଭୁବନେଶ୍ୱର: ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଆଦେଶ କ୍ରମେ ଓଡ଼ିଶାରେ ୭୫ଜଣ ବରପୁତ୍ରଙ୍କ ନୂତନ ପ୍ରତିମୂର୍ତ୍ତି ନିର୍ମାଣ ଓ ସ୍ଥାପନ କରିବା ପାଇଁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ପୁରୀ ଜିଲ୍ଲାରେ ଭକ୍ତ ମନେଇ ସାହୁ, ଅଟଳ ବିହାରୀ ବାଜପେୟୀ, ଖୋର୍ଦ୍ଧା ଜିଲ୍ଲାରେ ସ୍ୱର୍ଗତ ବିଶ୍ୱନାଥ ଦାସ, କବି ସଚ୍ଚିଦାନନ୍ଦ ରାଉତରାୟ, କବି କୁନ୍ତଳା କୁମାରୀ ସାବତ, ବୀର ସୁରେନ୍ଦ୍ର ସାଏ, ପଦ୍ମଶ୍ରୀ ଉପେନ୍ଦ୍ର ମହାରଥୀ, ବୀର ସିଦୋ ମୁର୍ମୁ ଓ କାହ୍ନୁ ମୁର୍ମୁ, ରବି ରାୟ, ବିନାୟକ ଆଚାର୍ଯ୍ୟ, ସୁରେନ୍ଦ୍ର ମହାନ୍ତି, ଧରଣୀଧର ନାୟକ, ଲକ୍ଷ୍ମୀକାନ୍ତ ମହାପାତ୍ର, ବାଲେଶ୍ୱର ଜିଲ୍ଲାରେ କବିବର ରାଧାନାଥ ରାୟ, ମୁକୁନ୍ଦ ପ୍ରସାଦ ଦାସ, ନେତାଜୀ ସୁବାଷ ଚନ୍ଦ୍ର ବୋଷ, ରାଧାନାଥ ରାୟ, ଖୁଦିରାମ ବୋଷ, ଜଗତସିଂହପୁର ଜିଲ୍ଲାରେ ଜାତୀୟ କବି ବୀର କିଶୋର ଦାସ, ଶାରଳା ଦାସ, ଅଟଳ ବିହାରୀ ବାଜପେୟୀ, ମହେଶ ଚନ୍ଦ୍ର ସୁବାହୁସିଂହ, ନୟାଗଡ଼ ଜିଲ୍ଲାରେ ଉତ୍କଳଘଣ୍ଟ ଯଦୁମଣି ମହାପାତ୍ର, ପଠାଣି ସାମନ୍ତ, କଟକ ଜିଲ୍ଲାରେ ଭୈରବ ମହାନ୍ତି, ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ, ଗଙ୍ଗାଧର ମେହେର, ବରଗଡ଼ ଜିଲ୍ଲାରେ କୁଞ୍ଜ ବିହାରୀ ଦାସ, ଗଙ୍ଗାଧର ମେହେର, ମନହୋର ସିଂହ, ଅନୁଗୁଳ ଜିଲ୍ଲାରେ ବି.ଆର୍ ଆମ୍ବେଦକର, ନବକୃଷ୍ଣ ଚୌଧୁରୀ, ଢେଙ୍କାନାଳ ଜିଲ୍ଲାରେ ସାରଙ୍ଗଧର ଦାସ, ବାଜି ରାଉତ, ଭଦ୍ରକ ଜିଲ୍ଲାରେ ବିପ୍ଳବୀ ଚକ୍ରଧର ବେହେରା, ସହିଦ ନିରଞ୍ଜନ ବେହେରା, ସ୍ୱାମୀ ବିବେକାନନ୍ଦ, ଭଦ୍ରକ ଜିଲ୍ଲା ଧୂସୁରୀରେ ଅଟଳ ବିହାରୀ ବାଜପେୟୀ, ବାଞ୍ଛାନିଧି ମହାନ୍ତି, ମୁରଲୀଧର ପଣ୍ଡା, ଲକ୍ଷ୍ମୀକାନ୍ତ ମହାପାତ୍ର, ଜୟମଙ୍ଗଳ ରଥ, ସନ୍ଥ ଅରକ୍ଷିତ ଦାସ, ପଦ୍ମଶ୍ରୀ ଭଗବାନ ସାହୁ, ଶଶୀ ଭୂଷଣ ରଥ ସମ୍ବଲପୁର ଜିଲ୍ଲାରେ ଲକ୍ଷ୍ମଣାନନ୍ଦ ସରସ୍ୱତୀ, ଉତ୍କଳମଣି ଗୋପବନ୍ଧୁ ଦାସ, ବୀର ଛବିଳ ସାଏ, ଚନ୍ଦ୍ରଶେଖର ଆଜାଦ, କେନ୍ଦ୍ରାପଡ଼ା ଜିଲ୍ଲାରେ ମଧୁସୂଦନ ଦାସ, ମୟୂରଭଞ୍ଜ ଜିଲ୍ଲାରେ ପଣ୍ଡିତ ରଘୁନାଥ ମୁର୍ମୁ, ଦିନଦୟାଲ ଉପାଧ୍ୟାୟ, ଅଟଳବିହାରୀ ବାଜପେୟୀ, କୋରାପୁଟ ଜିଲ୍ଲାରେ ଶ୍ୟାମା ପ୍ରସାଦ ମୁଖାର୍ଜୀ, କଳାହାଣ୍ଡି ଜିଲ୍ଲାରେ ରେଣ୍ଡୋ ମାଝୀ, କେନ୍ଦୁଝର ଜିଲ୍ଲାରେ ରମାଦେବୀ, ସୋନପୁର ଜିଲ୍ଲାରେ ଭୀମଭୋଇ ଓ ରାୟଗଡ଼ା ଜିଲ୍ଲାରେ ସହିଦ ଲକ୍ଷ୍ମଣ ନାଏକ ଆଦି ବରପୁତ୍ରଙ୍କ ନୂତନ ପ୍ରତିମୂର୍ତ୍ତି ନିର୍ମାଣ ଓ ସ୍ଥାପନ କରିବା ନିମନ୍ତେ ନିଷ୍ପତ୍ତି ନିଆଯାଇଛି।

ତେଜସ୍ୱିନୀ

**ବିଶେଷ ଦୃଷ୍ଟି ଆକର୍ଷଣ**

- ମହାଦେବ ମନ୍ଦିର
- ସୁନା ହଜିବା ଅଶୁଭ
- ଟେଲିପାଥି
- ପରମାଣୁ ଶକ୍ତି

## 'ଆମ ସାଥୀ'-ଏକୀକୃତ ହ୍ୱାଟସ୍‌ଆପ୍ ଚାଟବଟ୍‌ର ଶୁଭାରମ୍ଭ

ଭୁବନେଶ୍ୱର: ବିଶ୍ୱସ୍ତରୀୟ ପ୍ରଯୁକ୍ତି ବିଦ୍ୟା କମ୍ପାନୀ 'ମେଟା' ସହିତ ସହଭାଗିତାରେ ଓଡ଼ିଶା ସରକାର 'ଆମସାଥୀ' ନାମକ ଏକୀକୃତ ହ୍ୱାଟସ୍‌ଆପ୍ ବଟ୍‌ର ଶୁଭାରମ୍ଭ କରିଛନ୍ତି। ଏହା ମାଧ୍ୟମରେ ସମଗ୍ର ରାଜ୍ୟର ୪ କୋଟି ୫୦ ଲକ୍ଷରୁ ଅଧିକ ଲୋକଙ୍କ ପାଇଁ ୧୨୦ଟି ନାଗରିକ ସେବା ସହଜ ହେବ। ଓଡ଼ିଶା ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଉପସ୍ଥିତିରେ ଏହି ବ୍ୟବସ୍ଥାର ଶୁଭାରମ୍ଭ ହୋଇଛି। ଏହି ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ ତଥା କଷ୍ଟକର ହେଉଥିବା ସରକାରୀ ସେବା ପ୍ରଦାନକୁ ସହଜରେ ପହଞ୍ଚାଇବାରେ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ ହୋଇଛି। ଏହା ମାଧ୍ୟମରେ ନାଗରିକମାନେ ଜନ୍ମ ଏବଂ ଆୟ ପ୍ରମାଣପତ୍ର ପାଇବା, ଡ୍ରାଇଭିଙ୍ଗ୍ ଏବଂ ସାର ଲାଇସେନ୍ସ ପାଇଁ ଆବେଦନ ସହିତ 'ଜାତୀୟ ପରିବାର କଲ୍ୟାଣ ଯୋଜନା' ପରି ସୁବିଧା , ସବୁକିଛି ଏକୀକୃତ ହ୍ୱାଟସ୍‌ଆପ୍ ନମ୍ବର ମାଧ୍ୟମରେ ପାଇପାରିବେ। ଏହା ସହିତ ଆଜି ଓଡ଼ିଶା ଲୋକସେବା ଅଧିକାର ଅଧିନିୟମର କେନ୍ଦ୍ରୀୟ ତଦାରଖ ବ୍ୟବସ୍ଥା ୨.୦ ( ସିଏମ୍‌ଏସ୍) କୁ ମଧ ମୁଖ୍ୟ ଶାସନ ସଚିବ ଶୁଭାରମ୍ଭ କରିଛନ୍ତି।

'ଆମସାଥୀ' ସହାୟକ ହ୍ୱାଟ୍ସ ଆପ୍ ଚାଟ ବଟ୍ ନମ୍ବର ୯୪୩୭୨୯୨୦୦୦ ଉଭୟ ଓଡ଼ିଆ ଏବଂ ଇଂରାଜୀ ଭାଷାରେ ଉପଲବ୍ଧ। କଣ୍ଠସ୍ୱର (ଭଏସ୍) ମାଧ୍ୟମରେ ମଧ ସେବା ପ୍ରଦାନ କ୍ଷମତା ରଖୁଥିବା ଏହା ଏକ ଡିଜିଟାଲ୍ ସହାୟକ ଭାବରେ ଡିଜାଇନ୍ କରାଯାଇଛି, ଯାହା ନାଗରିକମାନଙ୍କୁ ବିଭିନ୍ନ ଅତ୍ୟାବଶ୍ୟକ ସରକାରୀ ସେବା ପାଇବାରେ ସହଜ ହେବ। ଏହା ମାଧ୍ୟମରେ ଲୋକମାନେ ସୁବିଧାରେ ଅଭିଯୋଗ ଦାଖଲ କରିବା ସହିତ ତାହାର ସ୍ଥିତି ଅନୁସରଣ କରିପାରିବେ। ଗୃହ ଏବଂ ସହରାଞ୍ଚଳ ବିକାଶ ସମ୍ବନ୍ଧୀୟ ସେବା, ସାଧାରଣ ପ୍ରଶାସନ ସେବା ସହିତ ସିଧାସଳଖ ବାର୍ତ୍ତାଳାପ, ଶିକ୍ଷା, କୃଷି ଏବଂ ଉଦ୍ୟାନକୃଷି ସମ୍ବନ୍ଧୀୟ ସୂଚନା ଓ ସହାୟତା ଏହି ମାଧ୍ୟମରେ ମିଳିପାରିବ। ଏହି ବ୍ୟବସ୍ଥା ମାଧ୍ୟମରେ ମଧ ଓଡ଼ିଶାର ନାଗରିକମାନେ ପୁଲିସ୍ ସହିତ ସଂଯୁକ୍ତ ସେବା, ଜମିର ରେକର୍ଡ ଏବଂ ରାଜସ୍ୱ ସମ୍ବନ୍ଧୀୟ ସୂଚନା ଯାଞ୍ଚ କରିବା ସହିତ ଆବଶ୍ୟକ ସହାୟତା ସୁବିଧାରେ ଉପଲବ୍ଧ କରିପାରିବେ। ପ୍ରୋତ୍ସାହନ ଯୋଜନାଗୁଡ଼ିକ ଯଥା ଜାତୀୟ ପରିବାର ଲାଭ ଯୋଜନା, ଆନ୍ତଃ-ଜାତି ବିବାହ ସହାୟତା ଇତ୍ୟାଦି ସହାୟତା ସହଜରେ ଉପଲବ୍ଧ ହେବ। ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ ଆୟୁକ୍ତ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ଗୋପବନ୍ଧୁ ପ୍ରଶାସନିକ ଏକାଡେମୀର ମହାନିର୍ଦ୍ଦେଶକ ଜି. ମାଥିଭାଥାନନ୍, ଶିଳ୍ପ ଓ ସୂଚନା ଏବଂ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଇଲେକ୍ଟ୍ରୋନିକ୍ ଏବଂ ସୂଚନା ପ୍ରଯୁକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ବିଶାଳ ଦେବ, ଗୃହ ଓ ନଗର ଉନ୍ନୟନ, ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ପୂର୍ବତନ ସୂଚନା ଆୟୁକ୍ତ ଏବଂ ସିଓ୍ୱାଇଏସ୍‌ଡିର ପରାମର୍ଶଦାତା ଜଗଦାନନ୍ଦଙ୍କ ସମେତ ରାଜ୍ୟ ସରକାରଙ୍କ ଅନ୍ୟ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ମୁଖ୍ୟ ଶାସନ ସଚିବ କହିଛନ୍ତି ଯେ ଏହି ଏକୀକୃତ ହ୍ୱାଟସ୍‌ଆପ୍ ପ୍ଲାଟ୍‌ଫର୍ମ ପ୍ରକ୍ରିୟାଗୁଡ଼ିକୁ ସହଜ କରିବ, ରହୁଥିବା ବାଧାକୁ ହଟାଇବା ସଙ୍ଗେ ସଙ୍ଗେ ପ୍ରତ୍ୟେକ ନାଗରିକଙ୍କୁ, ସହରରୁ ରାଜ୍ୟର ସବୁଠୁ ଦୂରରେ ଥିବା ଲୋକମାନଙ୍କ ପର୍ଯ୍ୟନ୍ତ ଆବଶ୍ୟକ ସେବା ସୁବିଧାଜନକ ଓ ସହଜ ଭାବେ ପ୍ରଦାନ କରିବାରେ ସାହାଯ୍ୟ କରିବ। ଉନ୍ନୟନ କମିଶନର ଶ୍ରୀମତୀ ଗର୍ଗ କହିଲେ ଯେ ସମୟୋଚିତ ଭାବରେ ସାର୍ବଜନୀନ ସେବା ନାଗରିକଙ୍କ ପାଖରେ ପହଞ୍ଚାଇ ସେମାନଙ୍କୁ ସଶକ୍ତ କରିବାରେ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା ରହିଛି।

## ପ୍ରକାଶ ପାଇଲା ଓସିଏସ୍ ପରୀକ୍ଷା ଫଳ

ଭୁବନେଶ୍ୱର: ଓଡିଶା ଲୋକ ସେବା ଆୟୋଗ ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ୍ ସର୍ଭିସ-୨୦୨୩ ପରୀକ୍ଷାର ଫଳ ପ୍ରକାଶ ପାଇଛି। ଏହି ପରୀକ୍ଷାରେ ମୋଟ ୩୯୮ ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। ଉକ୍ତ ପରୀକ୍ଷାରେ ମହିଳାଙ୍କ ଅପେକ୍ଷା ପୁରୁଷମାନେ ବାଜିମାତ୍ କରିଛନ୍ତି। ପୂର୍ବରୁ ପ୍ରାୟ ମହିଳା ପରୀକ୍ଷାର୍ଥୀ ଟପ୍ପର୍ ହେଉଥିଲା ବେଳେ ଏଥର ଏହି ପରୀକ୍ଷାରେ ପ୍ରିୟାଂଶୁ ପାଲ ଟପ୍ପର୍ ହୋଇଛନ୍ତି। ପ୍ରଥମ ୧୦ ଜଣଙ୍କ ମଧ୍ୟରେ ଜଣେ ମାତ୍ର ମହିଳା ପରୀକ୍ଷାର୍ଥୀ ଅଛନ୍ତି। ଶ୍ରେଷ୍ଠ ୧୦ ଜଣ ପରୀକ୍ଷାର୍ଥୀ ହେଲେ ପ୍ରିୟାଂଶୁ ପାଲ, ଅନନ୍ୟା ମିଶ୍ର, ଶୋଭନ ପଟ୍ଟନାୟକ, ମିର୍ଜା ଫାଇଜ ଅହମଦ କ୍ୟୁରେସି, ଚିନ୍ମୟ ସାହୁ, ଅନ୍ତିମ ସ୍ୱାଇଁ, ଶୈଳେଶ କୁମାର ଭୋଇ, ମହମ୍ମଦନାଜିଫ୍ ହାତିଫ, ଚିନ୍ମୟ କୁମାର ପାଢ଼ୀ, ମିଳନ ମହାପାତ୍ର। ସୂଚନାଯୋଗ୍ୟ ଓପିଏସ୍‌ସି ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ୍ ସର୍ଭିସେସ୍ (ଓସିଏସ୍) ପରୀକ୍ଷା ୨୦୨୩ର ମୁଖ୍ୟ ପରୀକ୍ଷା ୨୦୨୫ ଏପ୍ରିଲ ୧୯ ୨୦, ୨୨, ୨୪, ୨୭ ଓ ମେ' ମାସ ୧୫ ତାରିଖରେ ଅନୁଷ୍ଠିତ ହୋଇଥିଲା।

# ଏଚ୍ ୧ ବି ଭିଜା

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତୀୟ ସାମଗ୍ରୀ ଉପରେ ୫୦ ପ୍ରତିଶତ ଟାରିଫ୍ ବସାଇବା ପରେ ଏବେ ଏଚ୍୧ବି ଭିଜା ଦେୟ ଅସମ୍ଭବ ସ୍ତର ଯାଏ ବଢ଼ାଇ ବିଦେଶ ଯାଇ ଅର୍ଥ ଅର୍ଜନ କରିବାକୁ ଚାହୁଁଥିବା ଭାରତୀୟଙ୍କ ସ୍ୱପ୍ନକୁ ଭାଙ୍ଗି ଦେଇଛନ୍ତି। ଆମେରିକାକୁ ରୋଜଗାର ପାଇଁ ଯିବାକୁ ଥିବା ଭାରତୀୟଙ୍କୁ ଯେଉଁ କମ୍ପାନୀ ଡାକିକରି ନେଉଥିଲା ସେହି ସଂସ୍ଥା ଏଚ୍୧ବି ଭିଜା ଦେୟ ବାବଦରେ ପୂର୍ବରୁ ୨ରୁ ୫ ହଜାର ଆମେରିକୀୟ ଡଲାର ଦେଉଥିଲା। ନୂଆ ନିୟମ ଅନୁଯାୟୀ ବାର୍ଷିକ ୧ ଲକ୍ଷ ଆମେରିକୀୟ ଡଲାର ବା (ଆଜିକା ଦରରେ) ପ୍ରାୟ ୮୮ ଲକ୍ଷ ଭାରତୀୟ ଟଙ୍କା ଦେବାକୁ ପଡ଼ିବ। ଗତ ସେପ୍ଟେମ୍ବର ୨୧ ମଧ୍ୟରାତ୍ରରୁ ଏହାକୁ ଲାଗୁ କରାଯାଇଛି। ଏଚ୍୧ବି ଭିଜା ବିଷୟରେ କହିଲେ ଏହା ହେଉଛି ଆମେରିକାର ଏକ ଅସ୍ଥାୟୀ କାର୍ଯ୍ୟକାରୀ ଭିଜା। ସେଠାରେ କମ୍ପାନୀଗୁଡ଼ିକୁ ବିଦେଶୀ ଉଚ୍ଚଶିକ୍ଷିତ ବିଶେଷଜ୍ଞଙ୍କୁ ସ୍ପେସିଆଲିଟି ଅକ୍ୟୁପେଶନ ବା ବିଶେଷ କାର୍ଯ୍ୟକ୍ଷେତ୍ରରେ ନିଯୁକ୍ତି ଦେବାରେ ସାହାଯ୍ୟ କରିଥାଏ। ମୁଖ୍ୟତଃ ସୂଚନା ପ୍ରଯୁକ୍ତି (ଆଇଟି), ଇଞ୍ଜିନିୟରିଂ, ଡାକ୍ତରୀ, ଅର୍ଥ (ଫାଇନାନ୍ସ) ଆଦି କ୍ଷେତ୍ରରେ ବିଶେଷ ପାରଦର୍ଶିତା ଅର୍ଜନ କରିଥିବା ବ୍ୟକ୍ତିମାନେ ଏଚ୍୧ବି ଭିଜାଧାରୀ ହୋଇଥାଆନ୍ତି। ପ୍ରତିଭାକୁ ଆକର୍ଷିତ କରି ଆମେରିକା ସର୍ବୋଚ୍ଚରେ ରହିଛି ବୋଲି ସମସ୍ତେ ଜାଣନ୍ତି। ଏହାବ୍ୟତୀତ ସେଠାରେ ଇଂଲିଶ ଭାଷାର ପ୍ରୟୋଗ ହେଉଥିବାରୁ ତାହା ଭାରତୀୟଙ୍କୁ ସୁହାଇଥାଏ। ଅର୍ଥନୀତିର ନିୟମ ଅନୁଯାୟୀ ଯେଉଁ ସାମଗ୍ରୀର ଚାହିଦା ଅଧିକ ରହିବ, ତାହାର ମୂଲ୍ୟ ବଢ଼ିବା ଧାର୍ଯ୍ୟ। ସ୍ଥିତି ଏମିତି ହୋଇଛି ଯେ ଆମେରିକା ପ୍ରତି ଅନେକେ ଆକୃଷ୍ଟ ହେଉଥିବାରୁ ଲଟେରି ମାଧ୍ୟମରେ ଏଚ୍୧ବି ଭିଜାଧାରୀ ଚୟନ ହୋଇଥାଆନ୍ତି। ତଥ୍ୟ ଅନୁଯାୟୀ ଆମେରିକା ବର୍ଷକୁ ୮୫ ହଜାର ଏଚ୍୧ବି ଭିଜା ଦେଇଥାଏ। ସେଥିରୁ ୭୧ ପ୍ରତିଶତରୁ ଅଧିକ ହେଉଛନ୍ତି ଭାରତୀୟ। ଚାଇନା ୧୧.୭ ପ୍ରତିଶତ ଭିଜାଧାରୀଙ୍କୁ ନେଇ ଦ୍ୱିତୀୟରେ ଥିବା ବେଳେ ଫିଲିପାଇନ୍ସ ୧.୩ ପ୍ରତିଶତ, କାନାଡ଼ା ୧.୧, ଦକ୍ଷିଣ କୋରିଆ ୧ ପ୍ରତିଶତ ଓ ଅନ୍ୟାନ୍ୟ ଦେଶ ୧୩.୯ ପ୍ରତିଶତ ରହିଛନ୍ତି। ଏଥିରୁ ସ୍ପଷ୍ଟ ବୁଝାପଡୁଛି ଯେ, ଟ୍ରମ୍ପଙ୍କ ଭିଜା ବୃଦ୍ଧିର ପ୍ରହାର ସର୍ବାଧିକ ଭାରତୀୟଙ୍କ ଉପରେ ପଡ଼ିବ।

ଖୁବ୍ ନିକଟ ଅତୀତରେ ଭାରତୀୟ ସାମଗ୍ରୀ ଉପରେ ପ୍ରଥମେ ୨୫ ପ୍ରତିଶତ ଟାରିଫ୍ ଲଗାଇଥିବା ରାଷ୍ଟ୍ରପତି ଟ୍ରମ୍ପ୍ ତାହାକୁ ଦ୍ୱିତୀୟ ଥର ବୃଦ୍ଧି କରି ମୋଟ ୫୦ ପ୍ରତିଶତକୁ ନେଇଯାଇଥିଲେ। ସେହି ପଦକ୍ଷେପରୁ ବୁଝିପାରିବା କଥା ଯେ ଟ୍ରମ୍ପଙ୍କ କ୍ରୋଧ ଭାରତୀୟଙ୍କ ଉପରେ ନ ଥାଇ କେବଳ ଭାରତୀୟ ନେତାମାନଙ୍କ ଅଖାଡୁଆ ବ୍ୟବହାର ଯୋଗୁ ଏହି ଦେଶର କ୍ଷତି ଘଟିଛି। ଟାରିଫ୍ ଲାଗୁ କରିବା ପୂର୍ବରୁ ଟ୍ରମ୍ପ୍ ପ୍ରଥମେ ତାଙ୍କର ବିରକ୍ତି ଭାବ ପ୍ରକାଶ କରିବାକୁ ଯାଇ କହିଥିଲେ ଯେ, ଭାରତ 'ଏକ ମୃତ ଅର୍ଥନୀତି'। ଭାରତ-ପାକିସ୍ତାନ ମଧ୍ୟରେ ହୋଇଥିବା ଯୁଦ୍ଧରେ ବିରତି ଆଣିବାରେ ତାଙ୍କର ଭୂମିକା ଥିଲା ବୋଲି ସେ ବାରମ୍ବାର ଦୋହରାଇଥିଲେ। ଭାରତ ତା'ର ଉତ୍ତର ଭାବେ ବାରମ୍ବାର ତାଙ୍କର ଏହି ଦାବିକୁ ଖଣ୍ଡନ କରିଚାଲିଲା। ନିଜର ଭାବମୂର୍ତ୍ତି ସୃଷ୍ଟି କରିବା ପାଇଁ ହେଉ କିମ୍ବା ବାସ୍ତବତା, ଟ୍ରମ୍ପଙ୍କ ଏହି ଦାବି ତାଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି ଏବେ ସାଧାରଣ ଲୋକ ବୁଝିପାରୁଥିବେ। ଗତ ସପ୍ତାହରେ ଅର୍ଥାତ୍ ୨୧ ସେପ୍ଟେମ୍ବରରେ ଟ୍ରମ୍ପ୍ ପୁନର୍ବାର ଭାରତ-ପାକିସ୍ତାନ ଯୁଦ୍ଧ ଅଟକାଇଥିଲେ ବୋଲି ସାଧାରଣରେ କହିଛନ୍ତି। ବୈଦେଶିକ ନୀତି ସୃଷ୍ଟି କରୁଥିବା ଭାରତର କର୍ତ୍ତୃପକ୍ଷମାନେ ଟ୍ରମ୍ପଙ୍କ ଚରିତ୍ରକୁ ବୁଝି କାର୍ଯ୍ୟ କରିବାର ଥିଲା। ତାଙ୍କର ଏହି ଯୁଦ୍ଧବିରତି ଦାବିକୁ ଖଣ୍ଡନ କିମ୍ବା ସମର୍ଥନ ନ କରି ନୀରବ ରହିଥିଲେ ସମ୍ଭବତଃ ଭାରତ ପାଇଁ ଏକ ନୂଆ ବାଟ ଫିଟିପାରିଥାନ୍ତା। ଏଠାରେ ୟୁରୋପୀୟ ସଂଘ ଓ ଚାଇନାକୁ ଦେଖାଯାଉ। ଟ୍ରମ୍ପ୍ ୟୁରୋପୀୟ ସଂଘ ଉପରେ ରୁଷିଆକୁ ଏକଘରିଆ କରିବା ପାଇଁ ଯେତେ ଚାପ ପକାଉଥିଲେ ମଧ୍ୟ ସଦସ୍ୟ ଦେଶଗୁଡ଼ିକ ଏପଟସେପଟ କରି ସ୍ଥିତିକୁ ସମ୍ଭାଳି ନେବାର ଲକ୍ଷ୍ୟ କରାଯାଉଛି। ସେହିପରି ଚାଇନା ପ୍ରବଳମାତ୍ରାରେ ରୁଷିଆଠାରୁ ତେଲ କିଣୁଥିବା ସତ୍ତ୍ୱେ ଟ୍ରମ୍ପଙ୍କୁ ବିଭିନ୍ନ ଭାବରେ ଆଉଁସି ରଖିପାରିଛି ବୋଲି ତା'ର ସାମଗ୍ରୀ ଉପରେ ଟାରିଫ୍ ଭାରତ ତୁଳନାରେ କମ୍ ରହିଛି।

ଏଭଳି ପୃଷ୍ଠଭୂମିରେ ଭାରତକୁ ତା'ର ପୂର୍ବର ତ୍ରୁଟିଗୁଡ଼ିକୁ ସ୍ୱୀକାର କରି ଭବିଷ୍ୟତ ପାଇଁ ରାସ୍ତା ସୃଷ୍ଟି କରିବାକୁ ହେବ। ଅନେକ ଭାରତୀୟ ଯେଉଁମାନେ ଆମେରିକାରେ ଚାକିରି କରୁଛନ୍ତି, ସେମାନେ ବାଧ୍ୟ ହୋଇ ସ୍ୱଦେଶ ଫେରିବେ। ସେମାନଙ୍କ ସମେତ ଅନ୍ୟ ଯୋଗ୍ୟ ଭାରତୀୟ ଯୁବଶକ୍ତିକୁ ଭାରତରେ ଅବସ୍ଥାପିତ କରିବା ପାଇଁ ନୀତି ଓ ଭିତ୍ତିଭୂମି ସୃଷ୍ଟି କରିବାକୁ ହେବ। ନୀତି ତିଆରି କରିବା ସହଜ ହୋଇପାରେ। କିନ୍ତୁ ଭିତ୍ତିଭୂମି ସୃଷ୍ଟି କରିବା ଭାରତ ପାଇଁ ଏକ ପ୍ରକାର ଅସମ୍ଭବ। କାରଣ ଏହିସବୁ ନୂତନ 'କଟିଂ ଏଜ୍' ବା ଅତ୍ୟାଧୁନିକ ଏଆଇ ଗବେଷଣା ଓ ଉନ୍ନତି କରିବା ପାଇଁ ଯେଉଁ ପରିମାଣର ଜମି, ବିଦ୍ୟୁତ୍ ଶକ୍ତି, ଅର୍ଥ ଏବଂ ଜ୍ଞାନକୌଶଳର ଚାହିଦା ରହିବ; ତାହା ପୂରଣ କରିବା ଭାରତ ପକ୍ଷେ ଅସମ୍ଭବ। ମନେରଖିବାକୁ ହେବ ଯେ, ବିଦେଶରେ ବିଶେଷକରି ଆମେରିକାର ଆଇଟି ଶିଳ୍ପରେ କାର୍ଯ୍ୟ କରୁଥିବା ଭାରତୀୟମାନେ ମଧ୍ୟସ୍ତରରେ ଅଧିକ ସଂଖ୍ୟକ ରହିଛନ୍ତି। ସେଥିପାଇଁ ସେମାନଙ୍କୁ ଅଭିନବତ୍ୱର ପନ୍ଥା ଦର୍ଶାଇବା ପାଇଁ ସେହିଭଳି ବୈଷୟିକ ନେତୃତ୍ୱର ଚାହିଦା ରହିବ, ଯାହା ଭାରତ ପାଖରେ ଏବେ ନାହିଁ। ଅନ୍ୟପଟେ ୟୁରୋପୀୟ ସଂଘ, ଅଷ୍ଟ୍ରେଲିଆ ଏବଂ କାନାଡାକୁ ଭାରତୀୟମାନେ ଯାଇପାରିଥାଆନ୍ତେ। ଏହି ସମୟରେ ୟୁରୋପୀୟ ସଂଘ ଓ ଅଷ୍ଟ୍ରେଲିଆରେ ପ୍ରବଳ ମାତ୍ରାରେ ଆପ୍ରବାସ ବିରୋଧୀ ସ୍ରୋତ ବହୁଛି। ତତ୍‌ସହିତ କାନାଡ଼ା ସହ ଭାରତ ସରକାର ଝଗଡ଼ା କରିବସିଛି, ଯାହାର କୁଫଳ ଏବେ ଭୋଗିବାକୁ ପଡ଼ିବ। ବର୍ତ୍ତମାନ ଭାରତୀୟଙ୍କ ପାଇଁ 'ଲୁକ୍ ଇଷ୍ଟ' ବା 'ପୂର୍ବକୁ ଦେଖ' ନୀତି ଆପଣାଇବାକୁ ହେବ। ଏହି ବର୍ଷ ଅଗଷ୍ଟରେ ଜାପାନ-ଭାରତ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା, ଯେଉଁଥିରେ ୫ ଲକ୍ଷ ଦକ୍ଷ ଶ୍ରମଶକ୍ତିର ଆଦାନପ୍ରଦାନ କଥା ରହିଥିଲା। ଏହିଭଳି ସମ୍ଭାବନା ଥିବା ହେତୁ ଏବେଠାରୁ ଭାରତୀୟମାନେ ହିନ୍ଦୀ ପରିବର୍ତ୍ତେ ଜାପାନିଜ୍ ଓ ଚାଇନାର ମାଣ୍ଡାରିନ ଭାଷା ଶିଖିଲେ ଅଧିକ ଅର୍ଥନୈତିକ ଲାଭ ପାଇପାରିବେ।

# ଓଡ଼ିଶାରେ କୃଷି ଉତ୍ପାଦନ

ଆମ ରାଜ୍ୟରେ ଭିତ୍ତିଭୂମିର ଅଭାବ ରହିଛି କିମ୍ବା ପରିବେଶ ଓ ପରିସ୍ଥିତି ପ୍ରଭାବରେ ଉତ୍ପାଦନ କ୍ଷମତା ହ୍ରାସ ପାଉଛି, ସେସବୁର ନିଷ୍କର୍ଷ ବାହାର କରିବାକୁ ହେଲେ ଅନ୍ୟ ରାଜ୍ୟର ପାରିପାର୍ଶ୍ୱିକ ସ୍ଥିତି ସହିତ ଆମକୁ ତୁଳନାତ୍ମକ ବିଚାର କରିବାକୁ ପଡ଼ିବ। ଆମର କେଉଁ ଜିନିଷ ବିଶ୍ୱସ୍ତରୀୟ ଅଥଚ ଭିତ୍ତିଭୂମିର ବିକାଶ ହୋଇପାରି ନଥିବାରୁ ତାହା ଲୋକଲୋଚନର ଆଢୁଆଳରେ ରହିଯାଇଛି ସେସବୁକୁ ବୁଝିବାକୁ ହେବ। ଏମିତିରେ ଆଜିକାଲି ଜମିବାଡ଼ି ପଡ଼ିଆ, ଗୋରୁଙ୍କ ଚରାଭୂଇଁ ପାଲଟିଛି। ଅନେକ ସମୟରେ ଅଦିନିଆ ଝଡ଼ବର୍ଷା ଚାଷୀମାନଙ୍କ ଅଣ୍ଟା ଭାଙ୍ଗି ଦେଉଛି।



ଅତୀତକୁ ଗଲେ ଜଣାପଡ଼ିବ ଆଗକାଳେ ପ୍ରତି ଘରେ ଋତୁ ଅନୁଯାୟୀ ଜହ୍ନି, ଛଚିନ୍ଦ୍ରା, କାକୁଡି, କଖାରୁ, ପୋଇ ଆଦି ପନିପରିବା ଭାଡିରେ ମାଡୁଥିଲା। ବାରିଘରେ ଅମୃତଭଣ୍ଡା, ବିଲାତି ସହିତ ବିଭିନ୍ନ ପ୍ରକାରର ଶାଗ ମିଳୁଥିବାରୁ ବଜାରରୁ ବିଶେଷ ପନିପରିବା ଘରକୁ ଆଣିବାକୁ ପଡୁନଥିଲା। ପ୍ରତି ଘର ଆଗରେ ପ୍ରାୟ ଗୋଟେ ଦୁଇଟା ସଜନା ଗଛ ଥିଲା। ଏବେ ଏସବୁ ଘରମାନଙ୍କରେ ଉପଲବ୍ଧ ହେବା ସ୍ୱପ୍ନ। ଏଠି ଇଣ୍ଡଷ୍ଟ୍ରି ନାହିଁ, ନିଯୁକ୍ତିର ସୁଯୋଗ ନାହିଁ। ରାଜ୍ୟ ବେକାରି ସମସ୍ୟା ପରି ଅସରନ୍ତି ସମସ୍ୟାରେ ଭାରାକ୍ରାନ୍ତ। ସେଥିରେ ପୁଣି ସମୟେ ସମୟେ ବାତ୍ୟା, ଲଘୁଚାପଜନିତ ବର୍ଷାରେ ଚାଷୀକୁଳର କ୍ଷତି ହୋଇଚାଲିଛି। ପ୍ରତିକୂଳ ପରିବେଶରେ ଶୀତଳ ଭଣ୍ଡାରର ଅଭାବରୁ ଚାଷୀମାନେ ଚାଷକାମରୁ ମୁହଁ ଫେରାଇ ନେଉଛନ୍ତି। କ୍ୱଚିତ୍ ଲୋକ ଚାଷ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ। ସେଥିପାଇଁ ସେମାନଙ୍କ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନୁହନ୍ତି। ବିଲରେ ଖଟିବାକୁ ଏଠାକାର ଲୋକେ ରାଜି ହେଉ ନ ଥିବାରୁ ବିହାର, ପଶ୍ଚିମବଙ୍ଗ, ମଧ୍ୟପ୍ରଦେଶ କିମ୍ବା ତେଲଙ୍ଗାନାରୁ ଲୋକଙ୍କୁ ଅଣାଯାଉଛି। ଫଳତଃ ସେମାନେ ଏଠିକାର ସ୍ଥାୟୀ ବାସିନ୍ଦା ପାଲଟିଯାଉଛନ୍ତି। ଆଉ କିଛି କାମ ଆଳରେ ଆମ ରାଜ୍ୟକୁ ଆସି ବର୍ଷ ବର୍ଷ ଧରି ରହିଯାଇ ଜମିବାଡି ପଟ୍ଟା ପାଇବାକୁ ଆବେଦନ କଲେଣି। ଏସବୁ ପାଇଁ କେଉଁଠି ନା କେଉଁଠି ଲୋକଙ୍କର ଅଳସୁଆମି, ବୀତସ୍ପୃହତା ଓ ପ୍ରଶାସନିକ ବ୍ୟବସ୍ଥା ଦାୟୀ। ଫଳରେ ରାଜ୍ୟର ଆର୍ଥିକ ଅଭିବୃଦ୍ଧି ଅନ୍ୟ ରାଜ୍ୟ ତୁଳନାରେ ପଛୁଆ। ବହୁ ସମୟରେ ବିଭିନ୍ନ ରାଜ୍ୟରୁ ପନିପରିବା ପରି ଅନେକ ଜିନିଷ ଆମଦାନୀ କରିବାକୁ ହେଉଛି। ଅବଶ୍ୟ ଓଡ଼ିଶା କନ୍ଦମୂଳ ଓ ପାଳଛତୁ ଉତ୍ପାଦନରେ ଭାରତରେ ପ୍ରଥମ। ବାଇଗଣ, କୋବି ଉତ୍ପାଦନରେ ଦ୍ୱିତୀୟ ଓ କାଜୁ ଉତ୍ପାଦନରେ ତୃତୀୟ ସ୍ଥାନ ଅଧିକାର କରିଛି। ତେବେ ବି ଭିତ୍ତିଭୂମିର ବିକାଶ ହୋଇପାରି ନ ଥିବାରୁ ଚାଷ ବିଶେଷ ଭାବେ ପ୍ରଭାବିତ ହେଉଛି। ବିଭିନ୍ନ ଫଳ, ପିଆଜ, ରସୁଣ ଓ ଅନ୍ୟାନ୍ୟ ପନିପରିବା ଉତ୍ପାଦନରେ ଓଡ଼ିଶା ଆତ୍ମନିର୍ଭରଶୀଳ ନୁହେଁ। ଅନେକ ସମୟରେ ପ୍ରାକୃତିକ ବିପର୍ଯ୍ୟୟ ଆମ ରାଜ୍ୟ ସହିତ ଆନ୍ଧ୍ର, ତାମିଲନାଡୁ, ପଶ୍ଚିମବଙ୍ଗ ପରି ତଟବର୍ତ୍ତୀ ରାଜ୍ୟଗୁଡିକରେ ପାଖାପାଖି ସମାନ କ୍ଷୟକ୍ଷତି କରୁଥିବାବେଳେ ଅନ୍ୟ ରାଜ୍ୟଗୁଡ଼ିକ ଏହାର ଯଥାସମ୍ଭବ ମୁକାବିଲା କରିପାରୁଛନ୍ତି। କିନ୍ତୁ ଆମ ରାଜ୍ୟ ସେସବୁର ମୁକାବିଲା କରିବାରେ ସେତେ ପରିପକ୍ୱ ନୁହେଁ। କାରଣ ସେମାନେ ଅତ୍ୟାଧୁନିକ ଜ୍ଞାନକୌଶଳରେ ଆମଠାରୁ ଆଗୁଆ।

ଋତୁଭିତ୍ତିକ ଚାଷକାର୍ଯ୍ୟ ସହିତ ବୈଷୟିକ କଳାକୁଶଳତା ସେମାନଙ୍କ କୃଷିକୁ ଅଧିକ ମଜଭୁତ କରିପାରିଛି, ଯାହା ଓଡ଼ିଶାରେ ଏଯାଏ ସମ୍ଭବ ହୋଇପାରୁନାହିଁ। ତଥାକଥିତ ପୁରୁଣା ପ୍ରଣାଳୀ ଦ୍ୱାରା କାମ ହେଉଥିବାରୁ ଅଭିବୃଦ୍ଧି ହାର ଅନ୍ୟ ରାଜ୍ୟଗୁଡିକଠାରୁ ପଛରେ। ଆଉ ଏକ କାରଣ ହେଲା -ସେମାନେ ନିଜ ପ୍ରାକୃତିକ ସମ୍ବଳର ଉପଯୁକ୍ତ ବିନିଯୋଗ କରୁଛନ୍ତି। ପଶ୍ଚିମବଙ୍ଗରୁ ଆଳୁ, ଚାଉଳ ପରି ଅନେକ ଜିନିଷ ଓଡ଼ିଶାକୁ ରପ୍ତାନି ହେଉଛି। ଝୋଟ ଉତ୍ପାଦନ ପାଇଁ ପଶ୍ଚିମବଙ୍ଗ ଉପରେ ଅନ୍ୟ ରାଜ୍ୟଗୁଡିକ ନିର୍ଭରଶୀଳ। ଓଡ଼ିଶାରେ ପ୍ରଚୁର ଖଣିଜ ପଦାର୍ଥ ରହିଛି ସତ କିନ୍ତୁ କୃଷି ପ୍ରଣାଳୀ ଅନ୍ୟମାନଙ୍କ ତୁଳନାରେ ସମୃଦ୍ଧ ନୁହେଁ। ଅତୀତରେ ଝୋଟ ଉପତ୍ାଦନରେ ଆଗୁଆ ଥିଲା ଆମ ରାଜ୍ୟ। ଏବେ ତଳକୁ ଖସିଛି।

ଆନ୍ଧ୍ରପ୍ରଦେଶ ହେଉଛି ଭାରତର ଭାତହାଣ୍ଡି। ବିଭିନ୍ନ ଖଣିଜପଦାର୍ଥରେ ଭରପୂର ଥିବା ଏହି ରାଜ୍ୟ କଦଳୀ, ଆମ୍ବ ଚାଷ ପାଇଁ ପ୍ରସିଦ୍ଧ। ସାମୁଦ୍ରିକ ଜୀବ ରପ୍ତାନିରେ ଆନ୍ଧ୍ରପ୍ରଦେଶର ପ୍ରମୁଖ ଭୂମିକା ରହିଛି। କେରଳର କିଛି ଅଂଶକୁ ପୂର୍ବତଟବର୍ତ୍ତୀ ଅଞ୍ଚଳରେ ସାମିଲ୍ କରାଗଲେ ଜଣାଯିବ ଯେ ଏହା ଛୋଟ ହେଲେ ମଧ୍ୟ ବିଭିନ୍ନ ମସଲାମସଲି, ରବର, କଫି, ଚା, ନଡ଼ିଆ, ଗୋଲମରିଚ, କଦଳୀ ଉତ୍ପାଦନରେ ବେଶ୍ ସକ୍ରିୟ। ତାମିଲନାଡୁ କଫି, ଲଙ୍କା, ରବର, ଗୋଲମରିଚ, କଦଳୀ ଚାଷରେ ଆଗୁଆ। ଦକ୍ଷିଣ ଭାରତର କଫି, ଆଖୁ, ରବର ବିଭିନ୍ନ ଚାରାଗଛ ଓଡ଼ିଶାକୁ ଆସେ। ଦକ୍ଷିଣ ଭାରତରେ ପ୍ରଚୁର ଫୁଲ ଚାଷ ହୁଏ। ସେମାନେ ବାହାରକୁ ରପ୍ତାନି କରି ବି ନିଜର ଚାହିଦା ପୂରଣ କରିଥାନ୍ତି। ବଡ଼କଥା ହେଲା ସେମାନେ ପରିଶ୍ରମୀ। ବିଭିନ୍ନ କାମରେ ବ୍ୟସ୍ତ ରହିବାକୁ ପସନ୍ଦ କରନ୍ତି। ଦକ୍ଷିଣ ଭାରତର ରାସ୍ତା ଓ ପର୍ଯ୍ୟଟନ ଶିଳ୍ପ ମଧ୍ୟ ବେଶ୍ ସୁଦୃଢ଼। ସେମାନଙ୍କ ଘରର ମହିଳାମାନେ ଘରକାମ ସହିତ ବାହାର କାମ ତୁଲାନ୍ତି। ସେ ଅନୁସାରେ ଆମ ରାଜ୍ୟରେ ପ୍ରାକୃତିକ ସମ୍ବଳ କମ୍ ନାହିଁ। କିନ୍ତୁ ସେସବୁର ଠିକ୍ ବିନିଯୋଗ ହୋଇପାରେ ନାହିଁ। ସେଥିପାଇଁ ମାନସିକତାର ଅଭାବ ପରିଲକ୍ଷିତ ହୁଏ।

ଦେଶବିଦେଶରେ ଆମ ରାଜ୍ୟର ହସ୍ତତନ୍ତର ଖୁବ୍ ଚାହିଦା। କୁଟୀରଶିଳ୍ପକୁ ମଧ୍ୟ ଏଥିରେ ସାମିଲ୍ କରାଯାଇପାରେ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଲାଗି ହେଉଥିବା ଷାଠିଏ ପଉଟିରୁ ଜଣାପଡ଼େ କେତେ ପ୍ରକାରର ଖାଦ୍ୟ ଓଡ଼ିଶା ସଂସ୍କୃତିରେ ଭରିରହିଛି। ସେ ଅନୁସାରେ ଆମ ପାରମ୍ପରିକ ଖାଦ୍ୟ ବିଶ୍ୱସ୍ତରୀୟ ହେବା କଥା କିନ୍ତୁ ସଚେତନତାର ଅଭାବ ହେତୁ ପ୍ରଚାର ପ୍ରସାର ହୋଇପାରୁନାହିଁ।

# ‘ପୁଷ୍କରା’ ଶ୍ରେଷ୍ଠ ଓଡ଼ିଆ ଫିଚର୍ ଚଳଚ୍ଚିତ୍ର



ନୂଆଦିଲ୍ଲୀ: ଓଡ଼ିଶାର ଚଳଚ୍ଚିତ୍ର ଶିଳ୍ପ ପାଇଁ ଏକ ଗର୍ବର ମୁହୂର୍ତ୍ତ। ତରଙ୍ଗ ସିନେ ପ୍ରଡକ୍ସନ୍ସ ଦ୍ୱାରା ନିର୍ମିତ ପୁଷ୍କରାକୁ ୭୧ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର-୨୦୨୩ରେ ଶ୍ରେଷ୍ଠ ଓଡ଼ିଆ ଫିଚର୍ ଚଳଚ୍ଚିତ୍ର ଭାବରେ ସମ୍ମାନିତ କରାଯାଇଛି। ବିଜ୍ଞାନ ଭବନରେ ଏହି ସମ୍ମାନଜନକ ସମାରୋହ ଅନୁଷ୍ଠିତ ହୋଇଥିଲା। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ସମ୍ମାନ ପ୍ରଦାନ କରିଥିଲେ। ଶଙ୍କର ତ୍ରିପାଠୀଙ୍କ ଦ୍ୱାରା ଲିଖିତ ପ୍ରଶଂସିତ ଓଡ଼ିଆ ଉପନ୍ୟାସ ‘ନାଦବିନ୍ଦୁ’ ଉପରେ ଆଧାରିତ, ପୁଷ୍କରାର ନିର୍ଦ୍ଦେଶନା ଦେଇଛନ୍ତି ଶୁଭ୍ରାଂଶୁ ଦାସ। ମୁଖ୍ୟ ଭୂମିକାରେ ସବ୍ୟସାଚୀ ମିଶ୍ର ଏବଂ ସୁପ୍ରିୟା ନାୟକ ଅଭିନୟ କରିଛନ୍ତି। ଏହି ଚଳଚ୍ଚିତ୍ର ପ୍ରେମ, ପରମ୍ପରା ଏବଂ ସାଂସ୍କୃତିକ ପରିଚୟର ବିଷୟବସ୍ତୁକୁ ନେଇ ଆଧାରିତ, ଯାହା ପୁରୀର ପବିତ୍ର ରୀତିନୀତି ଯେପରିକି ସାହିଯାତ, କାର୍ତ୍ତିକ ପୂର୍ଣ୍ଣିମା ଏବଂ ବୋଇତ ବନ୍ଦାଣର ପୃଷ୍ଠଭୂମି ଉପରେ ଅବସ୍ଥିତ।

# ସିବିଏସ୍ଇ ଦଶମ-ଦ୍ୱାଦଶ ବୋର୍ଡ ପରୀକ୍ଷାର ସମ୍ଭାବ୍ୟ ତାରିଖ ପ୍ରକାଶ

ନୂଆଦିଲ୍ଲୀ: କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍ଇ) ୨୦୨୬ରେ ଅନୁଷ୍ଠିତ ହେବାକୁ ଥିବା ଦଶମ ଏବଂ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା ପାଇଁ ସମ୍ଭାବ୍ୟ ତାରିଖ ପ୍ରକାଶ କରିଛି। ପରୀକ୍ଷାଗୁଡ଼ିକ ୨୦୨୬ ଫେବୃଆରୀ ୧୭ରୁ ୧୫ ଜୁଲାଇ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ବୋର୍ଡ ଦର୍ଶାଇଛି। ସେହିପରି ସିବିଏସ୍ଇ ମାଧ୍ୟମିକ ବିଦ୍ୟାଳୟ ପରୀକ୍ଷା (ଦଶମ) ଫେବୃଆରୀ ୧୭ରୁ ଆରମ୍ଭ ହୋଇ ମାର୍ଚ୍ଚ ୯ ଯାଏ ଚାଲିବ। ସିବିଏସ୍ଇ ଅନୁଯାୟୀ, ସାରା ଭାରତ ଏବଂ ବିଦେଶରେ ୨୬ଟି ଦେଶରେ ପ୍ରାୟ ୪୫ ଲକ୍ଷ ଛାତ୍ରଛାତ୍ରୀ ୨୦୪ଟି ବିଷୟରେ ପରୀକ୍ଷା ଦେବେ ବୋଲି ଆଶା କରାଯାଉଛି। ଲିଖିତ ପରୀକ୍ଷା ସହିତ, ଫଳାଫଳର ସମୟସୀମା ଘୋଷଣା ସୁନିଶ୍ଚିତ କରିବା ପାଇଁ ବ୍ୟବହାରିକ, ମୂଲ୍ୟାଙ୍କନ ଏବଂ ଫଳାଫଳ ପରବର୍ତ୍ତୀ ପ୍ରକ୍ରିୟା ଭଳି କାର୍ଯ୍ୟକଳାପ ମଧ୍ୟ କରାଯିବ। ଏହି ସମୟ ମଧ୍ୟରେ ଅନୁଷ୍ଠିତ ହେବାକୁ ଥିବା ପରୀକ୍ଷାଗୁଡ଼ିକ ମଧ୍ୟରେ ଦଶମ ଏବଂ ଦ୍ୱାଦଶ ଶ୍ରେଣୀ ପାଇଁ ମୁଖ୍ୟ ପରୀକ୍ଷା, କ୍ରୀଡା ଛାତ୍ରଙ୍କ ପାଇଁ ପରୀକ୍ଷା (ଦ୍ୱାଦଶ ଶ୍ରେଣୀ), ଦ୍ୱିତୀୟ ବୋର୍ଡ ପରୀକ୍ଷା (ଦ୍ୱାଦଶ ଶ୍ରେଣୀ), ପରିପୂରକ ପରୀକ୍ଷା (ଦ୍ୱାଦଶ ଶ୍ରେଣୀ) ଆଦି ଅନ୍ତର୍ଭୁକ୍ତ ରହିଛି। କ୍ଷଲକ୍ଷକ୍ତ ଉଭୟ ଶ୍ରେଣୀ ପାଇଁ ପରୀକ୍ଷା ଗୋଟିଏ ସିଫ୍ଟରେ ହିଁ ଆରମ୍ଭ ହେବ।

ସିବିଏସ୍ଇର ନୂଆ ନିୟମ ଅନୁସାରେ ପ୍ରତ୍ୟେକ ବିଷୟର ପରୀକ୍ଷା ଅନୁଷ୍ଠିତ ହେବାର ପ୍ରାୟ ୧୦ ଦିନ ପରେ ଉତ୍ତର ପତ୍ରର ମୂଲ୍ୟାଙ୍କନ ଆରମ୍ଭ ହେବ ଏବଂ ୧୨ ଦିନ ମଧ୍ୟରେ ସମାପ୍ତ ହେବ। ଏହି ଅବସରରେ ସିବିଏସ୍ଇ ପକ୍ଷରୁ ଜୁଲାଇ ୧୭ରୁ ପରୀକ୍ଷା (ବିଷୟ ଅନୁଯାୟୀ) ତାରିଖର ଏକ ଆନୁମାନିକ (ପରିବର୍ତ୍ତନ ହୋଇପାରେ) ପରୀକ୍ଷା ସୂଚୀ (ଉଭୟ ୧୦ମ ଏବଂ ୧୨ଶ ପରୀକ୍ଷାର୍ଥୀଙ୍କ ପାଇଁ) ମଧ୍ୟ ଜାରି କରାଯାଇଛି। ସିବିଏସ୍ଇର ପରୀକ୍ଷା ନିୟନ୍ତ୍ରକ ଡ. ସାନ୍ୟମ ଭରଦ୍ୱାଜ କହିଛନ୍ତି ଯେ, ଏହି ଆପାତକାଳୀନ କାର୍ଯ୍ୟସୂଚୀ ଛାତ୍ରଛାତ୍ରୀମାନଙ୍କୁ ପ୍ରଭାବଶାଳୀ ଭାବରେ ଅଧ୍ୟୟନ ଯୋଜନା କରିବାରେ ସାହାଯ୍ୟ କରିବ। ୫ ମାସ ପୂର୍ବରୁ ପରୀକ୍ଷା ନେଇ ସମୟସାରଣୀ ପ୍ରକାଶ ପାଇଥିବାରୁ ଏଥିପାଇଁ ଛାତ୍ରୀଛାତ୍ର ନିଜକୁ ଭଲଭାବେ ପ୍ରସ୍ତୁତ କରିପାରିବେ ବୋଲି ଆଶା କରାଯାଉଛି। ସେହିପରି ବିଦ୍ୟାଳୟଗୁଡ଼ିକୁ ମଧ୍ୟ ଶୈକ୍ଷିକ ଏବଂ ପ୍ରଶାସନିକ କାର୍ଯ୍ୟଗୁଡ଼ିକର ସମନ୍ୱୟ କରିବାରେ ସକ୍ଷମ କରିବ ଏବଂ ଶିକ୍ଷକମାନଙ୍କୁ ବ୍ୟକ୍ତିଗତ କାର୍ଯ୍ୟସୂଚୀକୁ ଅଧିକ ସ୍ପଷ୍ଟ ଭାବରେ ପରିଚାଳନା କରିବାକୁ ଅନୁମତି ଦେବ।

# ଡୋନାଲ୍ଡ ଟ୍ରମ୍ପଙ୍କ ଆଉ ଏକ ବିବାଦୀୟ ନିଷ୍ପତ୍ତି, ଔଷଧ ଆମଦାନୀ ଉପରେ ୧୦୦% ଶୁଳ୍କ

ୱାଶିଂଟନ୍: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣିଥରେ ବିଶ୍ୱର ଅଧିକାଂଶ ଦେଶଗୁଡ଼ିକ ଉପରେ ଟାରିଫ୍ ମାଡ଼ କରିଛନ୍ତି। ରିପୋର୍ଟ ଅନୁସାରେ ଏଥର ଟ୍ରମ୍ପ ଔଷଧ କ୍ଷେତ୍ର ଉପରେ ୧୦୦% ଶୁଳ୍କ ଲାଗୁ କରିଛନ୍ତି। ଫଳରେ ଆମେରିକାକୁ ରପ୍ତାନୀ କରୁଥିବା ମେଡିସିନ୍ କମ୍ପାନୀଗୁଡ଼ିକ ମାତ୍ରାଧିକ କ୍ଷତି ସହିବା ନିଶ୍ଚିତ ହୋଇଯାଇଛି। ଏସବୁ କମ୍ପାନୀଗୁଡ଼ିକଙ୍କ ପକ୍ଷରୁ ଉତ୍ପାଦିତ ଔଷଧଗୁଡ଼ିକରେ ଆମେରିକା ଏଣିକି ୧୦୦% ଶୁଳ୍କ ଆଦାୟ କରିବ। ଅବଶ୍ୟ ଏହା ଆମେରିକାବାସୀଙ୍କ ପାଇଁ ଭଲ ଖବର ନୁହେଁ କାରଣ ଆମେରିକାରେ ଏବେ ଔଷଧ ମୂଲ୍ୟ ଅହେତୁକ ଭାବେ ବୃଦ୍ଧି ପାଇବ। ଅନ୍ୟପକ୍ଷେ ଭାରତ ସମେତ ଅନେକ ଦେଶ ଯେଉଁମାନେ ଆମେରିକାକୁ ଔଷଧ ରପ୍ତାନୀ କରୁଥିଲେ ସେସବୁ ଦେଶଗୁଡ଼ିକ ଏବେ ପ୍ରଭାବିତ ହେବା ଆଶଙ୍କା ମଧ୍ୟ ସୃଷ୍ଟି ହୋଇଛି।

ନିଜ ସୋସିଆଲ୍ ମିଡିଆ ଟ୍ରୁଥ୍’ରେ ଏକ ପୋଷ୍ଟକରି ଔଷଧ କ୍ଷେତ୍ରରେ ତାଙ୍କ ସରକାର ୧୦୦% ଶୁଳ୍କ ଲାଗୁ କରୁଥିବା ଏବଂ ଆସନ୍ତା ଅକ୍ଟୋବର ୧ ତାରିଖରୁ ଏହି ନୂଆ ନିୟମ ଲାଗୁହେବ ବୋଲି ସୂଚନା ଦେଇଛନ୍ତି ଟ୍ରମ୍ପ। ଟ୍ରମ୍ପ କହିଛନ୍ତି, ଯେଉଁ ଔଷଧ କମ୍ପାନୀଗୁଡ଼ିକ ଆମେରିକାରେ ପ୍ଲାଣ୍ଟ୍ ସ୍ଥାପନ କରିଛନ୍ତି କିମ୍ବା ଏଭଳି କିଛି ପ୍ରସ୍ତାବ ସେମାନେ ଆମେରିକା ସରକାରଙ୍କ ପାଖରେ ଦାଖଲ କରିଛନ୍ତି ସେମାନେ ଏହି ବର୍ଦ୍ଧିତ ୧୦୦% ଶୁଳ୍କ ନୀତିରୁ ବାଦ୍ ପଡ଼ିବେ। କିନ୍ତୁ ଯେଉଁ ବ୍ରାଣ୍ଡେଡ୍ ଔଷଧ କମ୍ପାନୀଗୁଡ଼ିକ ଅନ୍ୟ ଦେଶରେ ଉତ୍ପାଦନ କରୁଛନ୍ତି ଏବଂ ଆମେରିକାକୁ ରପ୍ତାନୀ କରୁଛନ୍ତି ସେମାନଙ୍କ ଉପରେ ୧୦୦% ଶୁଳ୍କ ନୀତି ଲାଗୁହେବ। ତେବେ ଟ୍ରମ୍ପ ନିଜ ଘୋଷଣାରେ କିମ୍ବା ସ୍ୱାକ୍ଷରିତ କରିଥିବା ପ୍ରସ୍ତାବନାରେ ଜେନେରିକ୍ ମେଡିସିନ୍ ସମ୍ପର୍କରେ କୌଣସି ସୂଚନା ଦେଇନାହାନ୍ତି। ସୁତରାଂ ଭାରତ ମଧ୍ୟ ଏବେ ଟ୍ରମ୍ପଙ୍କ ନୀତି ଯୋଗୁ ଚିନ୍ତାରେ ପଡ଼ିଛି। କାରଣ ଆମେରିକାକୁ ଭାରତ ଆମେରିକାକୁ ପ୍ରତିବର୍ଷ ୨୦ ବିଲିଅନ୍ ଆମେରିକୀୟ ଡଲାର୍ ମୂଲ୍ୟର (ପ୍ରାୟ ୮୩,୦୦୦ କୋଟି ଟଙ୍କା ମୂଲ୍ୟର) ଜେନେରିକ୍ ମେଡିସିନ୍ ରପ୍ତାନୀ କରିଥାଏ। ସନ୍ ଫାର୍ମା, ଡକ୍ଟର୍ ରେଡ୍ଡୀ, ସିପ୍ଲା, ଲୁପିନ୍, ଅରବିନ୍ଦୋ ଫାର୍ମା ପରି ଅନେକ ବ୍ରାଣ୍ଡେଡ୍ ଭାରତୀୟ ଔଷଧ କମ୍ପାନୀ ପ୍ରଚୁର ମାତ୍ରାରେ ଜେନେରିକ୍ ମେଡିସିନ୍ ଆମେରିକାକୁ ରପ୍ତାନୀ କରିଥାନ୍ତି। କିନ୍ତୁ ଏବେ ଏସବୁ ଔଧର ମୂଲ୍ୟ ବହୁମାତ୍ରାରେ ବଢ଼ିଯିବ। ଆମେରିକାରେ ଏସବୁ ଭାରତୀୟ ଫାର୍ମା କମ୍ପାନୀ ଭଲ ବଜାର ସୃଷ୍ଟି କରିପାରିଥିବା ବେଳେ ଏବେ ଏସବୁ କମ୍ପାନୀଗୁଡ଼ିକ ଗୁରୁତର ଭାବେ ପ୍ରଭାବିତ ହେବେ। ତେବେ କିଛି ବିଶେଷଜ୍ଞମାନେ ଅନୁମାନ କରୁଛନ୍ତି ଯେ ଆମେରିକା ସରକାର ହୁଏତ ନିଜ ଦେଶବାସୀଙ୍କ ସ୍ୱାର୍ଥ ଦୃଷ୍ଟିକୋଣରୁ ଜେନେରିକ୍ ମେଡିସିନ୍‌କୁ ଏହି ୧୦୦% ଶୁଳ୍କ ନୀତିରୁ ବାଦ୍ ଦେଇପାରନ୍ତି। ଯଦି ଏପରି ହୁଏ ତେବେ ଭାରତକୁ ହୁଏତ ଆଶ୍ୱସ୍ତି ମିଳିପାରେ। କିନ୍ତୁ ଆଉ ଏକ ବିଶେଷଜ୍ଞ ଗୋଷ୍ଠୀ ଏପ୍ରକାର ସମ୍ଭାବନାକୁ ଖାରଜ କରିଛନ୍ତି। ସେମାନେ ଟ୍ରମ୍ପଙ୍କ ମାନସିକତା ଦୃଷ୍ଟିକୋଣରୁ ଅନୁମାନ ଲଗାଉଛନ୍ତି ଯେ ଜେନେରିକ୍ ମେଡିସିନ୍‌କୁ ମଧ୍ୟ ଟ୍ରମ୍ପ ପ୍ରଶାସନ ଏହି ନୀତିରୁ ବାଦ୍ ଦେଇନପାରେ। ପ୍ରକାଶ, ଟ୍ରମ୍ପ ଏହି ଶୁଳ୍କକୁ ଆମେରିକୀୟ ଔଷଧ ଶିଳ୍ପକୁ ସୁରକ୍ଷା ଏବଂ ସ୍ଥାନୀୟ ଉତ୍ପାଦନକୁ ପ୍ରୋତ୍ସାହନ ବୋଲି କହିଛନ୍ତି।

# ଦୁଇ ଓଡ଼ିଆ ନେତାଙ୍କୁ ବଡ଼ ଦାୟିତ୍ୱ: ଧର୍ମେନ୍ଦ୍ରଙ୍କୁ ବିହାର ଓ ବୈଜୟନ୍ତଙ୍କୁ ତାମିଲନାଡୁ ଦାୟିତ୍ୱ

ନୂଆଦିଲ୍ଲୀ: ଆଗାମୀ ଦିନରେ କେତେକ ରାଜ୍ୟରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ଏହାକୁ ନେଇ ରାଜନୈତିକ ଦଳଗୁଡ଼ିକ ନିଜ ହିସାବରେ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ବିଜେପି ମଧ୍ୟ ନିଜ ଗୋଟି ଚାଳନା କରିବା ଆରମ୍ଭ କରିଦେଇଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ବିଜେପି ଦୁଇଟି ରାଜ୍ୟ ଯଥା ବିହାର ଏବଂ ତାମିଲନାଡୁ ଉପରେ ଫୋକସ୍ କରିବା ଆରମ୍ଭ କରିଛି। ରିପୋର୍ଟ ଅନୁସାରେ ବିଜେପି ବିହାର ସମେତ ମୋଟ୍ ତିନୋଟି ରାଜ୍ୟ (ବିହାର, ତାମିଲନାଡୁ ଏବଂ ପଶ୍ଚିମବଙ୍ଗ) ପାଇଁ ନିର୍ବାଚନ ପ୍ରଭାରୀ ଏବଂ ସହମୁଖପାତ୍ର ନିଯୁକ୍ତ କରିଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ବିହାର ନିର୍ବାଚନ ପାଇଁ ପ୍ରଭାରୀ ଭାବେ ନିଯୁକ୍ତ କରାଯାଇଥିବା ବେଳେ ଉତ୍ତରପ୍ରଦେଶ ଉପମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟଙ୍କୁ ସହ ପ୍ରଭାରୀ ଭାବେ ଏବଂ ସିଆର ପାଟିଲଙ୍କୁ ସହମୁଖପାତ୍ର ଭାବେ ଦାୟିତ୍ୱ ପ୍ରଦାନ କରିଛି ବିଜେପି। ସେହିପରି ତାମିଲନାଡୁ ପାଇଁ ବିଜେପି ବୈଜୟନ୍ତ ପଣ୍ଡାଙ୍କୁ ନିର୍ବାଚନ ପ୍ରଭାରୀ ନିଯୁକ୍ତ କରିଥିବା ବେଳେ ରାଜ୍ୟମନ୍ତ୍ରୀ ମୁରଲୀଧର ମାହୋଲଙ୍କୁ ସହ ପ୍ରଭାରୀ ଭାବେ ନିଯୁକ୍ତ କରିଛି। ଅନ୍ୟପକ୍ଷେ ପଶ୍ଚିମବଙ୍ଗ ପାଇଁ କେନ୍ଦ୍ରମନ୍ତ୍ରୀ ଭୂପେନ୍ଦ୍ର ଯାଦବଙ୍କୁ ନିର୍ବାଚନ ପ୍ରଭାରୀ ନିଯୁକ୍ତ କରାଯାଇଛି। ସେହିପରି ସାଂସଦ ବିପ୍ଳବ ଦେବଙ୍କୁ ତାମିଲନାଡୁ ପାଇଁ ସହପ୍ରଭାରୀ ନିଯୁକ୍ତ କରାଯାଇଛି। ବିଜେପି ରାଷ୍ଟ୍ରୀୟ ମହାସଚିବ ଅରୁଣ ସିଂହ ଆଜି ଏକ ଚିଠି ଜାରି କରି ନୂତନ ପଦାଧିକାରୀଙ୍କୁ ତୁରନ୍ତ ନିଯୁକ୍ତି ଦିଆଯାଇଥିବା ସମ୍ପର୍କରେ ସୂଚନା ଦେଇଛନ୍ତି।

ଉପରୋକ୍ତ ୩ ରାଜ୍ୟ ମଧ୍ୟରୁ ସର୍ବପ୍ରଥମେ ବିହାର ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ। ତେବେ ବିହାର ନିର୍ବାଚନ ପାଇଁ ଚୂଡାନ୍ତ ନିର୍ବାଚନ ତାରିଖ ଏପର୍ଯ୍ୟନ୍ତ ଘୋଷଣା ହୋଇନଥିଲେ ମଧ୍ୟ ସମସ୍ତ ଦଳଙ୍କ ମଧ୍ୟରେ ହଟଚମଟ ସୃଷ୍ଟି ହୋଇଛି। ତେବେ ବିହାର ଓ ତାମିଲନାଡୁ ଭଳି ରାଜ୍ୟରେ ବିଜେପି ଭଲ ଫଳାଫଳ କରିବା ପାଇଁ ଦୃଢ଼ ଆଶାବାଦୀ ରହିଥିବା ବେଳେ ଏଥିପାଇଁ ପୁଣିଥରେ ଦୁଇ ଓଡ଼ିଆ ପୁଅଙ୍କ ଉପରେ ଭରସା କରିଛି। ଉଭୟ ଧର୍ମେନ୍ଦ୍ର ପ୍ରଧାନ ଏବଂ ବୈଜୟନ୍ତ ଅନେକ ଥର ଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଗ୍ରହଣ କରିଛନ୍ତି। ଉଭୟଙ୍କ ରଣନୈତିକ ଦକ୍ଷତା ଏବଂ ସାଂଗଠନିକ କ୍ଷମତା ବିହାର ଓ ତାମିଲନାଡୁରେ ବିଜେପି ପାଇଁ ଲାଭଦାୟକ ସାବ୍ୟସ୍ତ ହୋଇପାରେ ବୋଲି ବିଜେପି ଆଶା କରୁଛି। ପ୍ରକାଶ, ଚଳିତ ବର୍ଷ ଶେଷ ସୁଦ୍ଧା ବିହାର ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବା ବେଳେ ୨୦୨୬ରେ ପଶ୍ଚିମବଙ୍ଗ ଏବଂ ତାମିଲନାଡୁରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ।

# ପୂର୍ଣ୍ଣ ରାଜ୍ୟ ମାନ୍ୟତା ଦାବିରେ ତାତିଲେ ଲଦାଖ ଯୁବ/ଛାତ୍ର ଗୋଷ୍ଠୀ

ଲେହ ଲଦାଖ: କେନ୍ଦ୍ରଶାସିତ ଅଞ୍ଚଳ ଲଦାଖକୁ ପୂର୍ଣ୍ଣ ରାଜ୍ୟ ମାନ୍ୟତା ଦାବି କରି ଲେହ ଠାରେ ହିଂସାତ୍ମକ ପ୍ରତିବାଦ ପ୍ରଦର୍ଶନ କରାଯାଇଛି। ଏହାକୁ କିଛି ମାତ୍ରାରେ ନେପାଳର ଜେନ୍-ଜେଡ୍ ଆନ୍ଦୋଳନ ଭାବେ ମଧ୍ୟ ଅଭିହିତ କରାଯାଉଛି। କାରଣ ଆଜିର ଏହି ହିଂସାତ୍ମକ ପ୍ରତିବାଦରେ ମୁଖ୍ୟତଃ ଛାତ୍ର ଓ ଯୁବଗୋଷ୍ଠୀମାନେ ହିଁ ସାମିଲ୍ ହୋଇଥିବାର ଦେଖିବାକୁ ମିଳିଛି। ଏପରିକି ଏହି ଯୁବଗୋଷ୍ଠୀମାନେ ପୁଲିସ୍ ଏବଂ ସୁରକ୍ଷା ବାହିନୀ ସହିତ ସଂଘର୍ଷ କରିବାକୁ ମଧ୍ୟ ପଛାଇନଥିଲେ। ସୁରକ୍ଷାବାହିନୀଙ୍କ ସହ ମୁହାଁମୁହିଁ ପରିସ୍ଥିତି ଉପୁଜିବା ଏବଂ ସୁରକ୍ଷାବାହିନୀ ପରିସ୍ଥିତିକୁ ନିୟନ୍ତ୍ରଣ କରିବାକୁ ଗ୍ରହଣ କରିଥିବା କାର୍ଯ୍ୟାନୁଷ୍ଠାନ ମଧ୍ୟରେ ପ୍ରାୟ ୪ଜଣଙ୍କ ମୃତ୍ୟୁ ହୋଇଥିବା ଏବଂ ପ୍ରାୟ ୭୨ରୁ ଅଧିକ ଆହତ ହୋଇଥିବା ଭଳି ସମ୍ବାଦ ମଧ୍ୟ ସାମ୍ନାକୁ ଆସିଛି।

ପ୍ରତିବାଦ ସମୟରେ, ଛାତ୍ରମାନେ ପୁଲିସ୍ ଓ ଅନ୍ୟ ସୁରକ୍ଷା କର୍ମୀଙ୍କ ଉପରକୁ ଟେକାପଥର ଫିଙ୍ଗିଥିଲେ ଏବଂ ଏକ ବିଜେପି କାର୍ଯ୍ୟାଳୟ ତଥା ଏକ ସିଆରପିଏଫ୍ ଭ୍ୟାନ୍‌ରେ ନିଆଁ ଲଗାଇ ଦେଇଥିଲେ। ଲେହ ପ୍ରଶାସନ ବର୍ତ୍ତମାନ ସମୟରେ ବିନା ଅନୁମତିରେ ରାଲି ଏବଂ ପ୍ରଦର୍ଶନକୁ ନିଷିଦ୍ଧ କରିଥିବା ବେଳେ ଯୁବଗୋଷ୍ଠୀଙ୍କ ଏପ୍ରକାର ହିଂସାତ୍ମକ ପ୍ରଦର୍ଶନ ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି। ରିପୋର୍ଟ ଅନୁସାରେ ପ୍ରତିବାଦକାରୀ ଛାତ୍ରଗୋଷ୍ଠୀ ଗତ ୧୫ ଦିନ ଧରି ଅନଶନରେ ବସିଥିବା ସାମାଜିକ କର୍ମୀ ସୋନମ୍ ୱାଙ୍ଗଚୁକଙ୍କ ସମର୍ଥନରେ ପ୍ରତିବାଦ କରୁଛନ୍ତି। ଅପୂରଣିତ ଦାବିର ପ୍ରତିବାଦରେ ପ୍ରତିବାଦକାରୀମାନେ ଆଜି ବନ୍ଦ ଡାକରା ଦେଇଥିଲେ, ଯେଉଁଠାରେ ହିଂସା ଆରମ୍ଭ ହୋଇଥିଲା। ଅନ୍ୟପକ୍ଷେ ଆଜିର ଏପ୍ରକାର ହିଂସାକାଣ୍ଡ ଘଟଣା ପରେ ୱାଙ୍ଗଚୁକ ତାଙ୍କର ଅନଶନ ଭାଙ୍ଗିଛନ୍ତି।

ୱାଙ୍ଗଚୁକ୍ କହିଛନ୍ତି “ଆଜିର ଘଟଣା ଲଦାଖ ପାଇଁ ଏକ ଦୁଃଖଦ ଦିନ। ଆମେ ୫ ବର୍ଷ ଧରି ଶାନ୍ତି ପଥରେ ଚାଲୁଛୁ। ଆମେ ଉପବାସ ରଖିଥିଲୁ, ଲେହରୁ ଦିଲ୍ଲୀ ପର୍ଯ୍ୟନ୍ତ ଚାଲିଥିଲୁ। ଆଜି, ଆମେ ଆମର ଶାନ୍ତି ବାର୍ତ୍ତା ବିଫଳ ହେଉଥିବା ଦେଖୁଛୁ। ହିଂସା, ଗୁଳିଚାଳନା ଏବଂ ପୋଡ଼ାଜଳା ଘଟୁଛି।” ଏହି ପରିପ୍ରେକ୍ଷୀରେ ସେ ଲଦାଖର ଯୁବପିଢ଼ିଙ୍କୁ ଏପ୍ରକାର ଅର୍ଥହୀନତାପୂର୍ଣ୍ଣ ପ୍ରତିବାଦକୁ ଏବଂ ହିଂସାକାଣ୍ଡକୁ ତୁରନ୍ତ ବନ୍ଦ କରିବାକୁ ନିବେଦନ କରିଛନ୍ତି।

ପ୍ରଦର୍ଶନକାରୀମାନେ ମୁଖ୍ୟତଃ ସରକାରଙ୍କ ନିକଟରେ ୪ଟି ଦାବି ରଖିଛନ୍ତି। ପ୍ରଥମତଃ ଲଦାଖକୁ ପୂର୍ଣ୍ଣ ରାଜ୍ୟର ମାନ୍ୟତା, ୨ୟରେ ୬ଷ୍ଠ ଅନୁସୂଚୀ ଅନ୍ତର୍ଗତ ସାମ୍ବିଧାନିକ ସୁରକ୍ଷା, ୩ୟରେ କାରଗିଲ୍ ଏବଂ ଲେହ ପୃଥକ୍ ପୃଥକ୍ ଲୋକସଭା ଆସନରେ ଆବଣ୍ଟିତ କରାଯିବ ଏବଂ ୪ର୍ଥରେ ସରକାରୀ ନିଯୁକ୍ତିରେ ସ୍ଥାନୀୟ ଲୋକଙ୍କୁ ଚୟନ କରାଯିବା। ତେବେ ଏସବୁ ପ୍ରସଙ୍ଗରେ ସରକାର ଆସନ୍ତା ୬ ଅକ୍ଟୋବରରେ ଏକ ବୈଠକ କରିବାର କାର୍ଯ୍ୟକ୍ରମ ରହିଛି। ୨୦୧୯ରେ ଧାରା ୩୭୦ ଏବଂ ୩୫ ଏ’ ଉଚ୍ଛେଦ ହେବା ପରଠାରୁ ଜମ୍ମୁ କାଶ୍ମୀର ଏବଂ ଲଦାଖକୁ ଦୁଇଟି କେନ୍ଦ୍ର ଶାସିତ ଅଞ୍ଚଳ ଭାବେ ଗଠନ କରାଯାଇଥିଲା। ସେସମୟରେ ଲଦାଖର ସ୍ଥିତି ସାମାନ୍ୟ ହେବା ପରେ ଲଦାଖକୁ ପୂର୍ଣ୍ଣ ରାଜ୍ୟର ମାନ୍ୟତା ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ କେନ୍ଦ୍ର ସରକାର ଏପର୍ଯ୍ୟନ୍ତ କୌଣସି ଠୋସ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହାଁନ୍ତି।

# ହଁ ସବୁ ମନେଅଛି

ସେଦିନର କଥା ସବୁ
କ'ଣ ଭୁଲି ହୋଇପାରେ
ଅତୀତକୁ ଝୁରିଝୁରି
ଦିନ ସବୁ ସରେ।
ସୁଖର ଦିନ ଏଠି
ହଜିଯାଏ ଦେଖୁଦେଖୁ
ଦୁଃଖ ତ ମାଡ଼ିବସେ
ପଡ଼େ ବୋଝ ବୋହିବାକୁ।
ପ୍ରତି ଦିନ ବୋଝ ସାଥେ
ଅତୀତର ବୋହି ବୋଝ
ଏକାକୀ ଚାଲୁଥାଏ ମଣିଷ
ସୁଖଠାରୁ ଦୁଃଖତ ଅଶେଷ।
ସଂସାର ମାୟାରେ ମଣିଷ
ଖୋଜୁଥାଏ ରାହା
ମନର ମଣିଷ ନ ଥାଏ
କରିବାକୁ ଆହା।

**ସନ୍ତୋଷ କୁମାର ମହାନ୍ତି**
*ସଫା, କଟକ*

# ପ୍ରେମରେ ମୋକ୍ଷ

କେଉଁଠି ଅଛ ଗୋ ପ୍ରିୟତମା ମୋର
ଆସି ଥରେ ଦେଖିଯାଅ
ଭଲପାଉଥିବା ପ୍ରେମିକ ତୁମର
ଅଦୃଶ୍ୟ ନିଆଁରେ ଜଳୁଅଛି ଅହରହ
ଧାରା ଶ୍ରାବଣର ବରଷା ପରିକା
ଢାଳୁଛି ଆଖିରୁ ଲହୁ ମିଶ୍ରିତ ଲୁହ।
କେତେ ଲୁଚକାଳି ଖେଳିବ ମୋ ସାଥେ
କେତେ ବା ସମୟ ହାତେ
ଆଜିର ସମୟ କାଲିକୁ ନଥିବ ସତେ
ସୂର୍ଯ୍ୟ ବୁଡ଼ିଗଲେ ଅନ୍ଧାର ଘୋଟିବ
ଶ୍ମଶାନ ଘାଟରେ ଜୁଇ ଜଳୁଥିବ
ଆଉ ପାଇବକି ତୁମେ ମୋତେ ?
ବେଳାଭୂମି ନଦୀପଠା ମିଠା ସ୍ମୃତି
କେମିତି ଯାଉଛ ଭୁଲି
ଲିପିଷ୍ଟିକ୍ ଲଗା ଥାକ ଥାକ ଚିଠି
ରାତିରେ ଲୁଚେଇ ପଢୁଛି ଖୋଲି
ତୁମ ବିନା ପ୍ରିୟା ସତ କହୁଅଛି
ଜୀବନଟା ଖାଲି ସାହାରାର ମରୁବାଲି।
ପ୍ରେମ ଶାଶ୍ୱତ ପ୍ରେମ ଚିରନ୍ତନ
ପ୍ରେମ କେବେ ହାରେନାହିଁ
ଆସ ଗୋ ସଜନୀ ବିଳମ୍ବ ନକରି
ଧରିନିଅ ଥରେ ବନ୍ଧନେ ଜଡ଼େଇ
ପାଇଲେ ପରଶ ପାଇଯିବି ଶାନ୍ତି
ନିର୍ବାଣର ସବୁ ସୁଖ ପାଇଯିବି ସଇ।
ଭରିଦିଅ ଥରେ ପ୍ରେମର ପିଆଲା
ସମାଧିସ୍ଥ ହେଉ ଦୁଃଖ
ଚୁମିଦେଲେ ଦେଲେ ଥରେ
ନାଲି ଓଠ ତୁମ
ମିଳିଯିବ ମୋତେ ସାରା ଦୁନିଆର ସୁଖ
ସବୁ କାମନାର ଘଟିବ ବିନାଶ
ଜିତିଯିବ ପ୍ରେମ ମିଳିଯିବ ଶାନ୍ତି
ଲଭିବି ପ୍ରେମରେ ମୋକ୍ଷ।

**ଭାସ୍କର ବାରିକ**
*ବାସୁଦେବପୁର, ଭଦ୍ରକ*

# ସ୍ୱପ୍ନା

ମନେ ପଡୁଛି ଆଜି
ଯେତେବେଳେ ମୁଁ ଟୋକା ଥିଲି
ଟେକା ମାରୁଥିଲି ଆକାଶକୁ
ଡେଇଁ ପଡୁଥିଲି ନଦୀକୁ
ସବୁ ବାତରା ଛତରା କାମ କରି
ଗାଳି ଶୁଣୁଥିଲି ବାପା ବୋଉଙ୍କଠୁ।
ପ୍ରେମ ଚିଠି ଲେଖିଦେଇଥିଲି
ଆମ ପାଖ ଗାଁର ସ୍ୱପ୍ନାକୁ
ସେ ଉତ୍ତର ଦେଇ ନ ଥିଲା
ତା' କଥା ଭାବି ଭାବି
ସ୍ୱପ୍ନା ଆସୁଥିଲା ରାତିର
ସୁନେଲି ସ୍ୱପ୍ନକୁ।
ସ୍ୱପ୍ନ କ'ଣ ସତ ହୁଏ
ପଚାରୁଥିଲି ତିଳକ ମାରି ବୁଲୁଥିବା
ଡାହା ମିଛ କହି ଭୁଆଁ ବୁଲାଉଥିବା
ଆମ ଗାଁର ଜଣାଶୁଣା ପ୍ରସିଦ୍ଧି
ଡେଙ୍ଗା ନାହାକକୁ।
ସେତେବେଳେ ସିନା ଉତ୍ତର ପାଇନଥିଲି
ସ୍ୱପ୍ନାଠୁ
ଏବେ ବୃଦ୍ଧ ବୟସରେ ଉତ୍ତର ପାଇଗଲି
ଛଳ ଛଳ ନୟନରେ
ଦୁଇ ହାତଟେକି ଜଣାଇଦେଲା
ନିରାଶ୍ରୟା ବିଧବା ପଣକୁ ।
ମୁଁ ଦେଖୁ ନ ଥିଲି ସେତେବେଳର ସ୍ୱପ୍ନାକୁ
ଦେଖୁଥିଲି ରଙ୍ଗହୀନ ପକ୍ୱକେଶା
ଶୁଭ୍ର ବସ୍ତ୍ର ପିନ୍ଧି ଧଡ଼ ଧଡ଼ ଜଣେ
ନଇଁ ଯାଇଥିବା ବୃଦ୍ଧାକୁ।
ସ୍ୱପ୍ନ ଏବେ ସତ ହେଲା
ଧିକାରୀ ପଚାରୁଛି ନିଜକୁ
ଖାଲି ନିଜକୁ ଆଉ ନିଜକୁ ।

**ସୁଧୀର କୁମାର ଦାସ**
*ତରାବୋଇ, ଜଟଣୀ, ଖୋର୍ଦ୍ଧା*

# ମା' ଆଦିଶକ୍ତି

ବରଷକେ ଆସିଛନ୍ତି ମା' ଆଦିଶକ୍ତି
ଭୂବନ ମୋହିନୀ ସିଏ ମା ଭଗବତୀ।
ଯୁଗେ ଯୁଗେ ସତ୍ୟ ଶାନ୍ତି ପ୍ରତିଷ୍ଠା ପାଇଁ
ଧରା ଧାମେ ବିରାଜନ୍ତି ମା' ମହାମାୟୀ ।
ବିଜୟର ପୁଲକରେ ମା' ବିଜୟିନୀ
ମହିଷାକୁ ନାଶି ମା' ମହିଷାମର୍ଦ୍ଦିନୀ।
ତ୍ରୈଲୋକ୍ୟ ମୋହିନୀ ମା' ଆଦିପରାଶକ୍ତି
ତୁମ ପାଦେ ଚିର କାଳ ଥାଉ ମୋ ଭକ୍ତି।
ଅପରୂପା ବେଶେ ତୁମେ ମା' ଦଶଭୁଜା
ଜଗଦମ୍ବା ନାମେ ସର୍ବେ ମା' ତୁମ ପୂଜା।
ଜାଣେନା ମୁଁ ପୂଜାବିଧି ତୋ ନୀତିକାନ୍ତି
ତ୍ରୁଟି ଥିଲେ କ୍ଷମା ଦେବୁ ମା' ଆଦିଶକ୍ତି।
ମହାକାଳୀ କପାଳିନୀ ମା' କାତାୟନୀ
ବିଘ୍ନ ବିନାଶିନୀ ମା' ଅଭୟଦାୟିନୀ।
ମୁଁ ଛାର ଅଜ୍ଞାନୀ ମା' ଜାଣେନି ଭକତି
ବିପଦ ରଖିବୁ ମା' କରୁଛି ମିନତି।

**ସ୍ମିତାଲି ବେହେରା**
*ଝାଡ଼ବନ୍ଧ, ଢେଙ୍କାନାଳ*

# ରାଣୀ ଲକ୍ଷ୍ମୀବାଇ

ଅଠରଶ ପଇଁତିରିଶ
ଷୋହଳ ନଭେମ୍ବର
ମୋରୋପନ୍ତ ତାମ୍ବେ ପିତାଟି
ମାତା ଭଗିରଥି ତାଙ୍କର
ମରହଟ୍ଟା ବ୍ରାହ୍ମଣ କୁଳେ
ଜନମ ହୋଇଥିଲ
ଡାକନାମ 'ମନ୍ନୋ', 'ଛବିଲୀ'
ନାମେ ପ୍ରଚାର ହେଲ
ପିତା ଶିକ୍ଷା ଦେଲେ ସତରେ
ରାଜନୀତି ଚକ୍ରାନ୍ତ
ଯୁଦ୍ଧ କଉଶଳ ଶିକ୍ଷଣ
ମତି କରେ ବିଭ୍ରାନ୍ତ
ଅଶ୍ୱଚାଳନାର କୌଶଳ
ତରବାରୀ ଚାଳନା
ଶିକ୍ଷାଲାଭ କଲେ ସହଜେ
ନ ହୋଇ ଆନମନା
ଆଠ ବରଷରେ କୌଶଳେ
ଖଣ୍ଡା ଯୁଦ୍ଧେ ପିତାଙ୍କୁ
ପରାସ୍ତ କରନ୍ତି ଛବିଲୀ
ପିତା ଖୁସି ତାହାଙ୍କୁ।
କଳାକର ସମ ବଢ଼ିଲେ
ହୋଇ ଅତି ସୁନ୍ଦର
ଶୁଣି ତାଙ୍କ କୀର୍ତ୍ତି ଆଶ୍ଚର୍ଯ୍ୟ
ହେଲେ ଝାନ୍ସୀ ଧୀଶ୍ୱର।
ବିବାହ ହୋଇଲେ ନୃପବର
ରାଓ ସେ ଗଙ୍ଗାଧର
ଭଲ ମନ୍ଦ ସୁଖଦୁଃଖରେ
ଚାଲେ ତାଙ୍କ ସଂସାର।
କିଛି ଦିନ ଅନ୍ତେ ତାଙ୍କର
ତିନି ବର୍ଷର ପୁଅ
କାଳର କରାଳ ସୁଅରେ
ଛାଡ଼ି ଗଲେଟି ଦେହ।
ବିଧିର ବିଧାନ ବିଚିତ୍ର
ସ୍ୱାଧୀ ସେ ଗଙ୍ଗାଧର
ଦେହତ୍ୟାଗ କଲେ ରୋଗରେ
ସେହି ଝାନ୍ସୀର ବୀର।
ମର୍ମାହତେ ରାଣୀ ଲିଛବୀ
ନେଲେ ରାଜ୍ୟର ଭାର
ଶାସନ ବ୍ୟବସ୍ଥା ରଚିଲେ
ରଖି ଅନ୍ୟାନ୍ୟ ବୀର।
ଏହି ସମୟରେ ଇଂରେଜ
ମାଡ଼ିଆସିଲେ କେତେ,
ରାଣୀ ଲକ୍ଷ୍ମୀବାଇ ହୋଇଲେ
ବୀର ରମଣୀ ସତେ।
ନାଲିଆ ପୋଷାକ ଅଶ୍ୱଟି
ତରବାରୀ ନାଲିଆ
ବନ୍ଧୁକ ହସ୍ତରେ ପଗଡ଼ି
ବୀରା ଦିଶେ ବଢ଼ିଆ।
ଯୁଦ୍ଧ ପାଇଁ ସଜ ହୋଇଲେ
ସେହି ବୀରା ରମଣୀ
କେତେ ଶୂର ବୀର ନାଶିଲେ
ଉଶ୍ୱାସିଲେ ଧରଣୀ।
ଦେଶ ମାତୃକାର ଗରବ
ଗଉରବର ଗାଥା
ବୀର ନାରୀ ମଧ୍ୟେ ରହିଲେ
ଟେକ ରଖିକି ମଥା।

**ଉପମା ରଣ**
*ଦେବଗଡ଼*

# ତୁମ ବିନା

ଭୁଲିଗଲୁ ତୁ କି ସୁଖ ଆଶାରେ
ପାରୁନି ମୁଁ ତୋତେ ଭୁଲି
ତୋ ଭଲପାଇବା ଅଭିନୟ ଥିଲା
ଚାହିଁଲୁନି ଥରେ ବୁଲି।
ହଳଦୀବସନ୍ତ ଚଢ଼େଇ ତୁ ମୋର
ରଙ୍ଗ ବଦଳାଇଦେଲୁ
ସେହି ରଙ୍ଗରେ ମୋ ମୁହଁ ଦିଶେନାହିଁ
ପର କରି ଚାଲିଗଲୁ।
ପ୍ରେମ ଜଗତର ନାୟିକା ତୁ ମୋର
ଅଭିନୟ କାହିଁ କଲୁ
ବଞ୍ଚିବା ମୋ ପାଇଁ ମରିବା ସାଜିଛି
ବିଷ ମୋତେ ପିଆଇଲୁ।
ମୋ ଭାଗ୍ୟରେ ନାହିଁ ପ୍ରେମିକାର ସୁଖ
ସ୍ୱପ୍ନର ପ୍ରେମ ପୃଥିବୀ,
ବିରହ ଦୁନିଆ କଣ୍ଟାର ଶେଯରେ
ଖୋଜେ ତୁମ ପ୍ରତିଛବି।

**ମୁନ୍ନା ପ୍ରଧାନ**
*ଭୁବନେଶ୍ୱର, ଖୋର୍ଦ୍ଧା*

# କାଚକାନ୍ଥର କାନ୍ଧ

ବସରୁ ଓହ୍ଲେଇବା ପରେ ଲାଗୁଥିଲା କିଛି ବି ବଦଳିନି ସହରଟିର। ଘରଦ୍ୱାର କିଛିଟା ବିଲଡିଂ ହୋଇସାରିଛି ମାତ୍ର। ନହେଲେ ସେଇ ଗଳି, ସେଇ ମୋଡ଼ ଓ ସେଇ ବାଙ୍କ ଦେଇ ନିର୍ଦ୍ଦିଷ୍ଟ ଘରଟିରେ ପହଞ୍ଚିବାକୁ ମଧ କିଛି କଷ୍ଟ ହୋଇନଥିଲା। ଘର ଭିତରେ ପ୍ରବେଶ କରିବା ମାତ୍ରେ ହିଁ ନଜର ପଡ଼ିଥିଲା ସାମ୍ନା ଦୁଆରେ ଅଙ୍କା ଯାଇଥିବା ସ୍ୱସ୍ତିକ ଚିହ୍ନ ଉପରେ। ପୂର୍ବ ପାଖ କାନ୍ଥରେ ଟଙ୍ଗା ଯାଇଥିବା ଧାବମାନ ଘୋଡ଼ାର ଛବି। ଘରର ମୁଖ୍ୟ ଦ୍ୱାରକୁ ମୁହଁକରି ଟଙ୍ଗା ଯାଇଥିବା ଗଣେଶଙ୍କ ଫଟୋ ରହିଥିଲା। ଘର ଭିତରେ ପଡ଼ିଥିବା ସାମ୍ନା ଟେବୁଲ ଉପରେ ରଖାଯାଇଥିଲା ବନସାଇ ଗଛ। ଘରର ମୁଖ୍ୟ ଦ୍ୱାରବନ୍ଧ ଉପରେ ଧାତୁ ନିର୍ମିତ ପାତ୍ର ମଧ୍ୟରେ ପୂଜା ପାଉଥିବା ପିତ୍ତଳ କଇଁଛ ଇତ୍ୟାଦି ସବୁରେ ନଜର ପଡ଼ିବା ଉପରେ ନିର୍ଭର କରୁଥିଲା ଆଶା ଓ ବିଶ୍ୱାସର ନୂଆ ଉପପାଦ୍ୟର ଉପସଂହାର ନିଶ୍ଚୟ ଆସ୍ଥା ପ୍ରଦାନ କରିବ। ଆଉ ଏହା ଯେ ସେଇ ବାସ୍ତୁଶାସ୍ତ୍ରୀଙ୍କ ଘର ଏଥିରେ ସନ୍ଦେହ ନଥିଲା କାରଣ ବହୁ ବର୍ଷ ପୂର୍ବେ ଆଗରୁ ଥରେ ଦି ଥର ଏ ଘରକୁ ଆସିଲା ବେଳେ ଏହି ସବୁ ବର୍ଣ୍ଣିତ ଜିନିଷ ଏଯାଏଁ ଯଥା ସ୍ଥାନରେ ରହି ଚିକ୍‌ଚିକ୍ କରୁଥିଲା ପୂର୍ବବତ୍। ତେଣୁ ବିଶ୍ୱାସଟା ଧୀରେ ଧୀରେ ଗାଢ଼ରୁ ଗାଢ଼ତର ହେବା ସ୍ୱାଭାବିକ ଥିଲା। ଆଶ୍ୱସ୍ତ ହେଲା ପ୍ରାକୃତ ଓ ପାଲ୍ଲୀକୁ ଫୋନ୍ କରି ଜଣେଇ ଦେଇଥିଲା ଆମ କାମଟା ହୋଇଯିବ।



କାମଟା ନିଜ ପାଇଁ ନଥିଲା ଯଦିଓ ଦୁଇଜଣଙ୍କ ପାଇଁ ଥିଲା ସମସ୍ୟା। ଦୁଇଟି ବଡ଼ ବଡ଼ ଖଟ ଯୋଡ଼ା ହୋଇ ବିସ୍ତୃତ ଖଟ ଓ ଗଦି ପଡ଼ିଥିବା ରୁମ୍‌ଟିରେ ପ୍ରାକୃତ ଓ ପାଲ୍ଲୀ ପ୍ରଥମେ ଖୁବ୍ ସ୍ୱଚ୍ଛନ୍ଦ ଅନୁଭବ କରୁଥିଲେ। ନିଜ ନିଜ ଭିତରେ ମିଛ ସ୍ୱପ୍ନ ସବୁକୁ ବାଣ୍ଟି ଖୁସି ଥିଲା ବେଳେ ଦିନେ ପ୍ରାକୃତ ଫେରିବା ବେଳକୁ ଖଟ ଦୁଇଟି ଅଲଗା ଅଲଗା ପଡ଼ିସାରିଥିଲା। ତଥାପି ଦୁହେଁ ଦୁହିଁଙ୍କ ସ୍ୱପ୍ନ ଦେଖା ବନ୍ଦ ନକରି ଆଗେଇ ଚାଲିଥିବା ବେଳେ କାନ୍ଥଟି ମୁଣ୍ଡ ଟେକିବା ଦିନୁ ଖାଲି ଖଟ ନୁହେଁ ମଠ ସହିତ ସ୍ୱପ୍ନ ମଧ ଅଲଗା ଅଲଗା ହୋଇଗଲା। କାନ୍ଥଟା ପ୍ରଥମେ ପ୍ରଥମେ ଆବଶ୍ୟକ ମନେ ହେଉଥିଲେ ମଧ ଏବେ ସ୍ୱପ୍ନର ବାଧକ ସାଜୁଥିଲା। ସ୍ୱପ୍ନ ଦେଖୁ ଦେଖୁ କେବେ କାନ୍ଥ ହସୁଥିଲା ତ କେବେ ଦାନ୍ତ ନିକୁଟେଇ ଖତେଇ ହେଉଥିଲା। ପୁଣି କେବେ ଅଷ୍ଟବକ୍ର ଋଷି ପରି ମୁଣ୍ଡ ବଙ୍କା କରି ପ୍ରାକୃତ ପାଖକୁ ମାଡ଼ି ଆସୁଥିଲା ତ କେବେ ପାଲ୍ଲୀ ପଟକୁ। ଯଦିଓ ଏ ଭିତରେ କେହି କାହା ପଟର କଥା ଦେଖି ଶୁଣି ପାରୁନଥିଲେ ତଥାପି ବଗିଚାରେ ଦେଖାହେଲେ ପରସ୍ପର ପରସ୍ପରର ଦୁଃଖ ବାଣ୍ଟି ନେଉ ନେଉ ପ୍ରାକୃତ କହୁଥିଲା ଉପାୟ ଅଛି। ମୋର ପୂର୍ବ ସହରରେ ରହଣି ଭିତରେ ମୁଁ ଏମିତି ଜଣେ ବାସ୍ତୁବିତଙ୍କୁ ଜାଣେ ଯିଏ ଆମ ସମସ୍ୟା ସମାଧାନ କରିପାରିବେ। ପାଲ୍ଲୀ ମଧ ଏଇ ପ୍ରଥମ ଥର ପ୍ରାକୃତ କଥାରେ ହଁରେ ହଁ ମିଶାଇଥିଲା।

ଏସବୁ ଏତେକଥା ଭାବୁ ଭାବୁ ଚମକି ପଡ଼ିଲା ପ୍ରାକୃତ କାରଣ ପରଦା ଆଡେଇ ବାସ୍ତୁବିତ ଧରଣୀଧର ବାବୁ ଏ ଭିତରେ ପହଁଞ୍ଚି ସାରିଥିଲେ। ତାଙ୍କ ଚତୁର୍ଭୁଜ ଆକାରର ଶରୀର ତ୍ରିଭୁଜ ପରି ପ୍ରତୀୟମାନ ହେଉଥିଲା। ନା ଆଖିକୁ ଭଲ ଦେଖାଯାଉଥିଲା ନା କାନକୁ ଭଲ ଶୁଭୁଥିଲା। ବହୁ କଷ୍ଟରେ ସେ ପ୍ରାକୃତକୁ ଚିହ୍ନି କିଛି ଶୁଣିବାକୁ ଚାହିଁଲା ବେଳେ ଘର ଭିତରୁ ନାରୀ କଣ୍ଠରେ ଆଶ୍ରାବ୍ୟ ଗାଳିର ତଳି ଯେମିତି ରୋଇ ହୋଇ ଯାଉଥିଲା ଘରସାରା ତ ଝଣଝଣ କରି ଭାଙ୍ଗି ପଡୁଥିଲା ବାସ୍ତୁ ଅବୟବ ସବୁ। ତଥାପି ସ୍ତ୍ରୀଙ୍କ ମୁଣ୍ଡ ଖରାପ କହି କଥା ଶୁଣିବାକୁ ବସିବା ବେଳେ ବାହାରୁ ଯୁବକ ଜଣେ, ଦେଖିବାକୁ ଠିକ ଧରଣୀଧରଙ୍କ ଯୁବକ ଅବସ୍ଥା ଭଳି ଥିଲା ଓ ଟଳମଳ ଅବସ୍ଥାରେ ପଚାରୁଥିଲା – ବାପା ହୋଇ ମୋ ପାଇଁ ରଖିଛ କ'ଣ ? କରିଛ କ'ଣ ପୁଣି ଭାଷା ଲଗେଇ ବକାବନା କରି ବାପାଙ୍କୁ ଟଙ୍କା ମାଗୁଥିବାର ଦେଖି ପ୍ରାକୃତ ଉଠିଥିଲା ଏବଂ କହିଥିଲା– ଆଜ୍ଞା ଜରୁରୀ କାମ ଅଛି। ମୁଁ ପରେ ଆସିବି। ଫେରୁନଥିଲା ତ ଏକରକମ ଦୌଡୁଥିଲା ବସଷ୍ଟାଣ୍ଡ ଅଭିମୁଖେ ପ୍ରାକୃତ।

ତା' ପରଦିନ ପ୍ରାକୃତ କିଛି କହିବା ପୂର୍ବରୁ ପାଲ୍ଲୀ କାନ୍ଥଟିକୁ ଭାଙ୍ଗିବାର ଯୋଜନାରେ ଥିଲା ତ ପ୍ରାକୃତ ମଧ ନୀରବ ସମ୍ମତି ଜଣେଇଥିଲା। ଭାରି ଅଡୁଆ ଅଡୁଆ ଲାଗୁଥିଲା ପ୍ରାକୃତକୁ ଯେ ପାଲ୍ଲୀ କିପରି ତା' ମନକଥା ଜାଣିଲା। ପୂର୍ବବତ୍ ଖଟ ଯୋଡ଼ି ଗଦି ପଡ଼ି ସାରିବା ଭିତରେ ପାଲ୍ଲୀ କହୁଥିଲା– ଆମ ଦୁଇଜଣଙ୍କ ଗୋଟିଏ ସ୍ୱପ୍ନକୁ ଯେବେ କାନ୍ଥ ଗଢ଼ି ଅଲଗା କରିଦିଆଗଲା ତ କାନ୍ଥ ଭିତରେ ସ୍ୱପ୍ନର ପ୍ରତିକୂଳ ପ୍ରଭାବ ପଡ଼ି କାନ୍ଥ ଆମକୁ ଡରାଉଥିଲା ବୋଲି ସ୍ୱପ୍ନ ଦେଖିସାରିବା ପରେ କାନ୍ଥ ହଟେଇବା ନିଷ୍ପତ୍ତି ନେଇଛି ମାତ୍ର ବୋଲି ପାଲ୍ଲୀ ସଫେଇ ଦେଉଥିଲା। କାନ କୁଣ୍ଡେଇ କୁଣ୍ଡେଇ ପ୍ରାକୃତ କହୁଥିଲା– ବାସ୍ତୁଶାସ୍ତ୍ରୀ ମଧ ସେଇକଥା କହୁ କହୁ କାଲି ରାତିରେ ସ୍ୱପ୍ନ ହୋଇ କାନ୍ଥ ନିଜେ କହୁଥିଲା ମତେ ଭାଙ୍ଗିଦେଇ ପରସ୍ପର ପରସ୍ପରର କାନ୍ଧ ହୋଇଯାଅ। ତୁମେ ଦୁହେଁ ହିଁ ନିଜ ନିଜର କାନ୍ଧ ଆଉ କେହି ଆଗକୁ ପଛକୁ ନୁହଁନ୍ତି। ପାଲ୍ଲୀ ପଚାରିଲା– ଆଜିଯାଏଁ ଭାବିଥିଲି କାନ୍ଥ ଓ କାନ୍ଧ ପ୍ରାୟ ଏକା କଥା କିନ୍ତୁ କାନ୍ଥ ଧୋକା ଦେଇପାରେ କାନ୍ଧ ନୁହେଁ ବୋଲି ବୁଝିଗଲି।

**ସୁନନ୍ଦା ମହାନ୍ତି**
*ସାକ୍ଷୀଗୋପାଳ, ପୁରୀ*

# ଖଦି ଫ୍ୟାଶନ

*** ଖଦି ଶାଢ଼ି:** ଏବେ ବିଶେଷକରି କର୍ମଜୀବୀ ମହିଳାମାନେ ହ୍ୟାଣ୍ଡଲୁମ୍ ଶାଢ଼ି ହେଉ କି ଖଦି କଟନ୍ ଶାଢ଼ି ପିନ୍ଧିବାକୁ ବେଶୀ ପସନ୍ଦ କରୁଥିବା ଦେଖିବାକୁ ମିଳୁଛି । ଟିକେ ଡିଫରେଣ୍ଟ ଲୁକ୍ ପାଇଁ ଅନେକେ ଖଦି ଶାଢ଼ି ସାଙ୍ଗରେ ବେଲ୍ଟ ଟ୍ରାଏ ବି କରୁଛନ୍ତି । ତେବେ ଖଦି ଶାଢ଼ି ସାଙ୍ଗକୁ ହାଲ୍‌କା ଜୁଏଲେରୀ ଓ ଲେଦର୍ ହ୍ୟାଣ୍ଡବ୍ୟାଗ୍ ଆଉ ତା’ସାଙ୍ଗକୁ ହାଲ୍‌କା ମେକ୍‌ଅପ୍ ନେଲେ ଲୁକ୍ ବେଶ୍ ଆଟ୍ରାକ୍ଟିଭ୍ ଲାଗିଥାଏ ।

*** ଖଦି କୁର୍ତ୍ତା:** ଝିଅ ହୁଅନ୍ତୁ କି ପୁଅ ଉଭୟ ଯେ କୌଣସି ସମୟରେ ଖଦିର କୁର୍ତ୍ତା ପିନ୍ଧିପାରିବେ । କାରଣ ଏହାର ଫ୍ୟାଶନ୍ କେବେ ବି ଆଉଟ୍ ଅଫ୍ ଟ୍ରେଣ୍ଡ ହୁଏନାହିଁ । ଝିଅମାନେ ଜିନ୍ସ ହେଉ କି ଲେଗିଙ୍ଗ୍‌ସ ସହିତ ଖଦି କୁର୍ତ୍ତି ପିନ୍ଧି ସ୍ମାର୍ଟ ଲୁକ୍ ପାଇପାରିବେ । ଅନ୍ୟପକ୍ଷେ ପୁଅମାନେ ଷ୍ଟାଇଲିଶ୍ ଦେଖାଯିବା ପାଇଁ ଖଦିର ସର୍ଟ କୁର୍ତ୍ତା ସାଙ୍ଗକୁ ପାଇଜାମା ଟ୍ରାଏ କରିପାରିବେ । ନଚେତ୍ ଡେନିମ୍ ସାଙ୍ଗରେ ବି ଖଦି କୁର୍ତ୍ତା ପିନ୍ଧି ସୋବର୍ ଲୁକ୍ ପାଇପାରିବେ ।

*** ଖଦି କୁର୍ତ୍ତା ଓ ଜ୍ୟାକେଟ୍:** ଏବେ ଖଦି କୁର୍ତ୍ତା ଆଉ ତାକୁ ମ୍ୟାଚିଂ କରି ଜ୍ୟାକେଟ୍ ପିନ୍ଧିବାର ଟ୍ରେଣ୍ଡ ବି ଖୁବ୍ ଚାଲିଛି । ଉଭୟ ପୁଅଝିଅଙ୍କ ପାଇଁ ସ୍ୱତନ୍ତ୍ର ଡିଜାଇନ୍‌ର ଏହି ଆଉଟ୍‌ଫିଟ୍ ବେଶ୍ ଆରାମରେ ଉପଲବ୍ଧ ମଧ୍ୟ ହୋଇଯାଉଛି । ଏହି ଷ୍ଟାଇଲ୍ ଟ୍ରାଡିସନାଲ୍ ହେଲେ ବି ଯୁବପିଢିଙ୍କୁ କ୍ଲାସି ଲୁକ୍ ଦେଇଥାଏ ।

*** ଖଦି ଓ୍ୱେଷ୍ଟର୍ନ ଆଉଟ୍‌ଫିଟ୍:** ଖଦିର କେବଳ ଟ୍ରାଡିସନାଲ୍ ନୁହେଁ ଓ୍ୱେଷ୍ଟର୍ନ ଓ୍ୱେର୍ ବି ଉପଲବ୍ଧ ହେଲାଣି । ଖାସ୍‌କରି ଖଦିର ବିଭିନ୍ନ ଡିଜାଇନର୍ ଟପ୍ସର ଏବେ ବେଶ୍ ଚାହିଦା ରହୁଥିବା ଦେଖିବାକୁ ମିଳୁଛି । ତା’ଛଡ଼ା ଖଦିର ଫ୍ରକ୍, ଖଦିର ସ୍କର୍ଟ, ସର୍ଟ୍ସ ଆଦିକୁ ବି ଯୁବପିଢି ଖୁବ୍ ପସନ୍ଦ କରୁଛନ୍ତି ।

## କିଛି ଟିପ୍ସ

– ଖଦି ଆଉଟ୍‌ଫିଟ୍‌ର ବିଶେଷତ୍ୱ ହେଉଛି ଏହା ଶରୀରକୁ ଖରାଦିନେ ଥଣ୍ଡା ଓ ଶୀତଦିନେ ଉଷ୍ମତା ପ୍ରଦାନ କରିଥାଏ । ତା’ଛଡ଼ା ଏହା ସ୍ୱଦେଶୀ ହୋଇଥିବାରୁ ଏବେ ଏହାର ଚାହିଦା ଦିନକୁ ଦିନ ବଢ଼ିବାରେ ଲାଗିଛି ।

– ଖଦି ଆଉଟ୍‌ଫିଟ୍ ସାଙ୍ଗକୁ ଯେତେ ସମ୍ଭବ ହାଲ୍‌କା ଡିଜାଇନ୍‌ର ଜୁଏଲେରୀ ପିନ୍ଧିବେ ଲୁକ୍ ସେତେ ଭଲ ଦେଖାଯିବ ।

– ଖଦି ଆଉଟ୍‌ଫିଟ୍ ପିନ୍ଧୁଥିଲେ, ଡାର୍କ ମେକ୍‌ଅପ୍ ନ ନେଇ ନ୍ୟୁଡ୍ ମେକ୍‌ଅପ୍ ନେଲେ ଆଉଟ୍‌ଷ୍ଟାଣ୍ଡିଂ ଲୁକ୍ ମିଳିଥାଏ ।

– ମୋଜରି ହେଉ କି ଟିକେ ଭଲ ଡିଜାଇନ୍‌ର ଫ୍ଲାଟ୍ ସ୍ଲିପର୍ ଖଦି ଆଉଟ୍‌ଫିଟ୍ ସାଙ୍ଗେ ପିନ୍ଧିଲେ ସୋବର୍ ଲୁକ୍ ମିଳିଥାଏ । ଧ୍ୟାନଦେବେ ବେଶୀ ଡିଜାଇନ୍‌ବାଲା ଅଥବା ଚିକ୍‌ଚିକ୍ କରୁଥିବା ଫୁଟ୍‌ଓ୍ୱେର୍ ଖଦି ଆଉଟ୍‌ଫିଟ୍ ସାଙ୍ଗେ ଆଦୌ ପିନ୍ଧିବେ ନାହିଁ । ଏହା ମିସ୍ ମ୍ୟାଚ୍ ଲୁକ୍ ଦେଇଥାଏ ।


– ଖଦି ଆଉଟ୍‌ଫିଟ୍ ଟ୍ରାଏ କଲାବେଳେ ହେୟାର୍ ଷ୍ଟାଇଲ୍‌କୁ ନେଇ ସେମିତି କିଛି ଖାସ୍ ଏକ୍ସପେରିମେଣ୍ଟ କରିବାର ଆବଶ୍ୟକତା ନାହିଁ । ସିମ୍ପଲ ଚୁଟିକୁ ଖୋଲା ରଖିଲେ କିମ୍ବା ପୋନିଟେଲ୍ କରିଦେଲେ ବି ଲୁକ୍ ବେଶ୍ ସୁନ୍ଦର ଦେଖାଯାଇଥାଏ ।

ଦିନ ଥିଲା ଜାତିର ପିତା ମହାତ୍ମାଗାନ୍ଧୀ ଖଦିକୁ ଘରେ ଘରେ ପହଁଞ୍ଚାଇବା ପାଇଁ ଖୁବ୍ ଚେଷ୍ଟା କରୁଥିଲେ ଆଉ ସ୍ୱଦେଶୀ ଜିନିଷକୁ ନିଜର କରିବାକୁ ଲୋକମାନଙ୍କ ମନରେ ଉତ୍ସାହ ଭରି ଦେଉଥିଲେ । ତା’ସତ୍ତ୍ୱେ ବି ଅନେକ ବର୍ଷ ପର୍ଯ୍ୟନ୍ତ ଲୋକେ ଖଦିକୁ ସମ୍ପୂର୍ଣ୍ଣ ଭାବେ ନିଜର କରିପାରି ନଥିଲେ । କିନ୍ତୁ ଏଇ କିଛି ବର୍ଷ ହେବ ଫ୍ୟାଶନ ଓ୍ୱାର୍ଲ୍ଡରେ ଖଦି ନେଇଛି ଏକ ସ୍ୱତନ୍ତ୍ର ସ୍ଥାନ ଫ୍ୟାଶନ । ଡିଜାଇନର୍‌ମାନେ ଖଦିକୁ ବେଶ୍ ପ୍ରମୋଟ ବି କରୁଛନ୍ତି; ଯାହା ଫଳରେ ସାରା ବିଶ୍ୱରେ ସେଲିବ୍ରିଟିଙ୍କଠାରୁ ଆରମ୍ଭ କରି ସାଧାରଣ ଲୋକେ ବି ଖଦିକୁ ବେଶ୍ ପସନ୍ଦ କଲେଣି । ତା’ହେଲେ ଜାଣନ୍ତୁ ଖଦିର କିଛି ଲାଟେଷ୍ଟ ଟ୍ରେଣ୍ଡ ସମ୍ପର୍କରେ...









## ଓଠ ପାଇଁ କଫି ଗୁଣ୍ଡ

ଅନେକ ସମୟରେ ବହୁ ଲୋକଙ୍କ ଓଠ ଶୁଷ୍କ ହୋଇଥାଏ । ଏହାସହ ଓଠରେ ଏକ କଳା ରଙ୍ଗର ଆସ୍ତରଣ ରହିବା ଭଳି ମଧ୍ୟ ଅନୁଭବ ହୋଇଥାଏ । ଆପଣ ଯଦି ଏହି ସମସ୍ୟା ପାଇଁ ଚିନ୍ତିତ ତେବେ ଆପଣାନ୍ତୁ ଏଭଳି କିଛି ଉପାୟ ଯାହା ଏହି ସମସ୍ୟାକୁ ୧୦ ମିନିଟ୍‌ରେ ଦୂର କରିବା ସହ ଓଠକୁ ଗୋଲାପି ରଙ୍ଗର ମଧ୍ୟ କରିଥାଏ ।

➤ ଅଧ ଚାମଚ କଫି ଗୁଣ୍ଡରେ ଅଳ୍ପ କିଛି ସର ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏହି ପେଷ୍ଟକୁ ଓଠରେ ଲଗାଇ ୨ରୁ ୩ ମିନିଟ୍ ରଖନ୍ତୁ । ଏହାପରେ ହାତ ଆଙ୍ଗୁଠି ଟିପରେ ଧୀରେ ଧୀରେ ଏହାକୁ କାଢ଼ି ଦିଅନ୍ତୁ ।

➤ ମୁହଁ ଓ ଓଠକୁ ସାଧାରଣ ପାଣିରେ ଧୋଇଦିଅନ୍ତୁ । ପରେ ଓଠରେ ଆପଣ ନିୟମିତ ବ୍ୟବହାର କରୁଥିବା ଲିପ୍‌ବାମ୍ ଲଗାନ୍ତୁ । ଏଭଳି କରିବା ଦ୍ୱାରା ୫ରୁ ୭ ମିନିଟ୍ ମଧ୍ୟରେ ଓଠର ରଙ୍ଗ ଗୋଲାପି ହୋଇଥାଏ । ସପ୍ତାହକୁ ୩ରୁ ୪ଥର ଏହି ଉପାୟ କରନ୍ତୁ ।



# ପରମାଣୁ ଶକ୍ତି

କାମ କରିବା ପାଇଁ ଓ କଳକାରଖାନା ଚାଲିବା ନିମିତ୍ତ ଶକ୍ତି ଖର୍ଚ୍ଚ ହୁଏ। ଶକ୍ତିର ଅନେକ ରୂପ ରହିଛି। ଆମକୁ ଖାଦ୍ୟରୁ ଶକ୍ତି ମିଳେ, କିନ୍ତୁ କୋଇଲା, ଡିଜେଲ, ପେଟ୍ରୋଲ ବା ବିଜୁଳି ଶକ୍ତିରେ କଳକାରଖାନା ଓ ମୋଟରଗାଡ଼ି ଚାଲେ। ଆମେ ଯେଉଁ ଶକ୍ତି ବ୍ୟବହାର କରୁ, ସେସବୁ ବିଭିନ୍ନ ଉପାୟରେ ସୂର୍ଯ୍ୟଠାରୁ ଆସିଛି। ସୂର୍ଯ୍ୟଠାରୁ ନିରବଚ୍ଛିନ୍ନ ଭାବରେ ଆସୁଥିବା ଶକ୍ତି ସହାୟତାରେ ପୃଥିବୀରେ ଜୀବନ ସମ୍ଭବ ହୋଇପାରିଛି। ଏମିତି ୫୦୦ କୋଟି ବର୍ଷ ଧରି ଚାଲିଛି, ଆହୁରି ୭୦୦ କୋଟି ବର୍ଷ ଚାଲିବ। ସୂର୍ଯ୍ୟଠାରୁ ତାପ ଶକ୍ତି ଓ ଆଲୋକ ଶକ୍ତି ଆମ ପାଖକୁ ଆସୁଥିବ। ଆମେ ଆଲୋକ ଓ ତାପ ପାଇବା ପାଇଁ ସାଧାରଣତଃ କାଠ, କୋଇଲା ଓ ତେଲ ଜାଳୁ। କିନ୍ତୁ ସୂର୍ଯ୍ୟ ଭିତରେ ସେସବୁ ଜଳେ ନାହିଁ, ବରଂ ଉଦ୍‌ଜାନ ସହିତ ଉଦ୍‌ଜାନ ମିଶି ହିଲିୟମ୍ ସୃଷ୍ଟି ହୁଏ। ସେଥିରେ ବିପୁଳ ଶକ୍ତି ଉତ୍ପନ୍ନ ହୁଏ। ସେହି ଶକ୍ତିର ନାମ 'ପରମାଣୁ ଶକ୍ତି' (ଆଟମିକ୍ ଏନର୍ଜି)। ଭବିଷ୍ୟତରେ ପରମାଣୁ ଶକ୍ତି ହିଁ ସମସ୍ତ ଶକ୍ତି ଚାହିଦାର ଚରମ ଉତ୍ସ ବୋଲି ଆଜି ଚର୍ଚ୍ଚା ହେଉଛି।

କୋଇଲା, ପେଟ୍ରୋଲ ଓ ଡିଜେଲ ଭଳି ପାରମ୍ପରିକ ଶକ୍ତି ଉତ୍ସ ଆଜି ସରିବାକୁ ବସିଛି। ସେଗୁଡ଼ିକ ତିଆରି ହେବା ପାଇଁ ଲକ୍ଷ ଲକ୍ଷ ବର୍ଷ ଲାଗିଥିଲା। କିନ୍ତୁ ଦିନ କେଇଟାରେ ସରିଯିବ। ତେଣୁ ଏମିତି ଶକ୍ତିର ସନ୍ଧାନ ଜାରି ରହିଛି, ଯାହା ସରିବ ନାହିଁ। ସୌରଶକ୍ତି ନିଃସନ୍ଦେହରେ ଏହି କ୍ଷେତ୍ରରେ ସବୁଠାରୁ ନିର୍ଭରଯୋଗ୍ୟ ଦିଗ। କିନ୍ତୁ ସଂପ୍ରତି ଏହାର ଉତ୍ପାଦନ କ୍ଷମତା ସନ୍ତୋଷଜନକ ନୁହେଁ। ଆମର ଆବଶ୍ୟକତାକୁ ପୂରଣ କରିବା ଭଳି ସୌରଶକ୍ତିରୁ ଯଥେଷ୍ଟ ବିଜୁଳିଶକ୍ତି ଉତ୍ପାଦନ ହୋଇପାରୁ ନାହିଁ। ତେଣୁ ପାରମ୍ପରିକ ଶକ୍ତି ଉତ୍ସ ସାଙ୍ଗକୁ ପରମାଣୁ ଶକ୍ତି, ପବନ ଶକ୍ତି ଓ ଜୁଆର ଶକ୍ତିର ବ୍ୟବହାର ହେଉଛି। ବିଶେଷକରି ପରମାଣୁ ଶକ୍ତିର ବ୍ୟବହାର ଅସୁରକ୍ଷିତ। ଏହାର ଉତ୍ପାଦନ କ୍ଷେତ୍ରରେ ସାମାନ୍ୟ ଅସାବଧାନତା ଶହ ଶହ ଜୀବନ ନେଇପାରେ। ଏହାର ବିକିରଣଜନିତ କୁପ୍ରଭାବ ପାଞ୍ଚ ପିଢ଼ି ପର୍ଯ୍ୟନ୍ତ ରହିପାରେ। କିନ୍ତୁ ଅଳ୍ପ ଖର୍ଚ୍ଚରେ ଅଧିକ ପରମାଣୁ ଶକ୍ତି ଉତ୍ପାଦନ ସମ୍ଭବ। ତେଣୁ ସେଥିରେ ରହିଥିବା ବିପଦକୁ ଏଡ଼ାଇବା ସକାଶେ ଆମେ ଯଥେଷ୍ଟ ସାବଧାନତା ଅବଲମ୍ବନ କରିପାରିବା। ଏହାର ମାରାତ୍ମକ ବିକିରଣ ଯେମିତି ପରିବେଶ ଓ ମାନବଜାତିର କ୍ଷତି ନ କରିବ, ସେଥିପ୍ରତି ପ୍ରଥମେ ଯତ୍ନବାନ ହେବା।

ଆମର ବିଜୁଳି ଶକ୍ତି ଦରକାର। ତେଣୁ ଶକ୍ତି ଯେଉଁ ରୂପରେ ଥିଲେ ବି ଆମେ ତାକୁ ବିଜୁଳି ଶକ୍ତିରେ ପରିଣତ କରୁ। ବିଜୁଳି ଶକ୍ତି ଉତ୍ପାଦନ ସକାଶେ ଅଧିକ କୋଇଲା ବ୍ୟବହୃତ ହୁଏ। ତାପଜ ବିଦ୍ୟୁତ୍ କେନ୍ଦ୍ରରେ କୋଇଲାକୁ ଜାଳି ପାଣି ଗରମ କରାଯାଏ। ସେଥିରୁ ସୃଷ୍ଟି ହେଉଥିବା ଜଳୀୟବାଷ୍ପ ଦ୍ୱାରା ଟର୍ବାଇନ୍ ବୁଲିଲେ ବିଜୁଳି ଶକ୍ତି ଉତ୍ପନ୍ନ ହୁଏ। ପରମାଣୁ ଶକ୍ତି ଉତ୍ପାଦନ କେନ୍ଦ୍ରରେ କୋଇଲା ବଦଳରେ ପରମାଣୁ ଶକ୍ତି ବ୍ୟବହାର କରାଯାଏ। ନିଉକ୍ଲୀୟ ଜାଳେଣିରୁ ମିଳୁଥିବା ତାପକୁ ବ୍ୟବହାର କରି ପାଣି ଗରମ କରାଯାଏ। ବର୍ତ୍ତମାନ ପାଇଁ ଏହା ହେଉଛି ପରମାଣୁ ଶକ୍ତିକୁ ଜନସାଧାରଣଙ୍କ ବ୍ୟବହାର ଉପଯୋଗୀ କରିବାର ଏକମାତ୍ର ଉପାୟ। ଭାରତର ତାରାପୁର, କୋଟା, କାଇଗା, ନାରୋରା, କଳ୍ପକମ୍ ଓ କାକ୍ରାପାଡ଼ାଠାରେ ରହିଥିବା ଆମର ପରମାଣୁ ରିଆକ୍ଟର୍‌ଗୁଡ଼ିକରୁ ବିଜୁଳି ଶକ୍ତି ଉତ୍ପାଦନ କରାଯାଉଛି।

ପରମାଣୁ ଶକ୍ତି ଉତ୍ପାଦନରେ ନୀତିନିୟମ ନ ମାନିଲେ ଓ ଏହାର ତେଜସ୍କ୍ରିୟ ପାଉଁଶକୁ ସୁରକ୍ଷିତ ଭାବରେ ସମୁଦ୍ର ତଳେ ନ ପୋତିଲେ ବିକିରଣ ଓ ପ୍ରଦୂଷଣଜନିତ କ୍ଷତି ହେବ। ଏହାକୁ ଶାନ୍ତିପୂର୍ଣ୍ଣ ପ୍ରୟୋଗ ବୋଲି ଦାବି କରିପାରିବା ନାହିଁ। ଏହାର ଶାନ୍ତିପୂର୍ଣ୍ଣ ବ୍ୟବହାର ବିକାଶ ପ୍ରକ୍ରିୟାର ସହାୟକ ହେବ। ନ ହେଲେ ପ୍ରଳୟ ସୃଷ୍ଟି କରିବ। ଏହି ପରମାଣୁ ଶକ୍ତି ଦିନେ ହିରୋସୀମା ଓ ନାଗାସାକି ସହରକୁ ଧ୍ୱଂସ କରିଦେଇଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ଚାଲିଥାଏ। ୧୯୪୫ ଅଗଷ୍ଟ ୬ ତାରିଖ ସକାଳେ ଜାପାନର ହିରୋସୀମା ସହର ଉପରେ ହଠାତ୍ ନିଆଁର ଝଡ଼ ମାଡ଼ି ଆସିଲା। ସାରା ସହର ପ୍ରଚଣ୍ଡ କମ୍ପନରେ ଥରିଗଲା। ଲୋକମାନେ କିଛି ବୁଝିବା ଆଗରୁ ନିଆଁରେ ପୋଡ଼ି ପାଉଁଶ ହୋଇଗଲେ। ତାହା କୌଣସି ପ୍ରାକୃତିକ ଦୁର୍ବିପାକ ନ ଥିଲା, ବରଂ ଆମେରିକାର ପରମାଣୁ ବୋମା ଜାପାନ ଉପରେ ପଡ଼ିଥିଲା, ଯାହାର ନାମ ଥିଲା 'ଲିଟିଲ ବୟ'। ପରମାଣୁ ବୋମା ବିସ୍ଫୋରଣ ହେତୁ କେଇଟା ମାତ୍ର ସେକେଣ୍ଡ ଭିତରେ ସାରା ସହର ଧ୍ୱସ୍ତବିଧ୍ୱସ୍ତ ହୋଇଗଲା। ଅଗଷ୍ଟ ୯ ତାରିଖରେ ସେମିତିକା ଆଉ ଏକ ପରମାଣୁ ବୋମା 'ଫ୍ୟାଟ ମ୍ୟାନ୍' ନାଗାସାକି ସହରକୁ ଧୂଳିସାତ୍ କରିଦେଲା। ଦୀର୍ଘ ୮୦ ବର୍ଷ ତଳର ଦୁଇଟା ପରମାଣୁ ବୋମାର ପ୍ରଳୟ ମାନବଜାତି ଭୁଲିନାହିଁ। ସେଠାରେ ରହୁଥିବା ଲୋକମାନେ ଏବେ ବି ତେଜସ୍କ୍ରିୟ ବିକିରଣର ଶିକାର ହେଉଛନ୍ତି। ମାନବ ଜୀବନ ବିପକ୍ଷରେ ପରମାଣୁ ଶକ୍ତିର ଏଭଳି ପ୍ରୟୋଗ ନିୟମ ବିରୁଦ୍ଧ। ମଣିଷ ହୃଦୟରୁ ମାନବିକତା ଲୋପ ପାଇଗଲେ ପରମାଣୁ ଶକ୍ତିର ଅପପ୍ରୟୋଗ ପୃଥିବୀକୁ ଧ୍ୱଂସ ମୁହଁକୁ ଠେଲି ଦେଇପାରିବ। ଶକ୍ତି ଉତ୍ପାଦନ କ୍ଷେତ୍ରରେ ଶୃଙ୍ଖଳା ଏକାନ୍ତ କାମ୍ୟ।



# ଟେଲିପାଥି



**ବେଳେବେଳେ ଏମିତି ହୁଏ ଆମେ କାହାରି କଥା ଭାବୁ ଓ ଆଶ୍ଚର୍ଯ୍ୟଜନକଭାବେ ସେହି ବ୍ୟକ୍ତିଙ୍କ ଫୋନ୍ ଆସିଯାଏ। ଅବା ଏମିତି ବି ହୁଏ କିଛି ଘଟଣାର ଆଭାସ ଆଗୁଆ ହୋଇଯାଏ। ଲାଗେ ସତେ ଯେମିତି କିଛି ଅଲୌକିକ ଶକ୍ତି ଆସିଯାଇଛି। ଅନେକେ ଏହାକୁ ସଂଯୋଗ କହନ୍ତି। ହେଲେ ଯଦି ଏଭଳି ବାରମ୍ବାର ହୁଏ ତାହା କ'ଣ ସଂଯୋଗ? ବିନା କୌଣସି ଯନ୍ତ୍ରରେ ଅନ୍ୟର ବିଚାରକୁ ଜାଣିବା ଓ କିଛି ଘଟଣାର ପୂର୍ବାଭାସ ହେବାକୁ ବିଜ୍ଞାନରେ 'ଟେଲିପାଥି' କୁହାଯାଏ। ତେବେ ପ୍ରକୃତରେ କ'ଣ ଟେଲିପାଥି ପରି କିଛି ଅଛି? ସତରେ କ'ଣ ମନର ଶକ୍ତିଦ୍ୱାରା ଅନ୍ୟକୁ ସନ୍ଦେଶ ଦିଆଯାଇପାରେ? ଜାଣିବା ସେ ସମ୍ପର୍କରେ...**


ଟେଲିପାଥି ଯେ ସତ ତାହାକୁ ବିଜ୍ଞାନ ସମ୍ମତି ଜଣାଇଛି। ସାଧାରଣତଃ ମଣିଷର ପାଞ୍ଚୋଟି ଜ୍ଞାନେନ୍ଦ୍ରିୟ ଥାଏ। ଯାହା ମାଧ୍ୟମରେ ଆମେ କୌଣସି ଜିନିଷ ଅବା ଦୃଶ୍ୟକୁ ବୁଝିପାରୁ। ବେଳେବେଳେ କିନ୍ତୁ କାହା କାହା ଭିତରେ ଷଷ୍ଠ ଇନ୍ଦ୍ରିୟ ଜାଗ୍ରତ ହୋଇଯାଏ। ଏହି ଇନ୍ଦ୍ରିୟକୁ ବିଜ୍ଞାନ ଅତିନ୍ଦ୍ରିୟ ବା ଏକ୍ସଟ୍ରା ସେନ୍ସୋରି ପରସେପ୍ସନ୍ ନାମ ଦେଇ ଇନ୍ଦ୍ରିୟ ମଧ୍ୟରେ ସାମିଲ କରାଯାଇଛି। ସମସ୍ତଙ୍କ ଭିତରେ ଟେଲିପାଥିର ଅଳ୍ପ ବହୁତେ କ୍ଷମତା ଥାଏ। କିନ୍ତୁ କେତେ ଜଣଙ୍କ ମଧ୍ୟରେ ଏହା ଏତେ ଷ୍ଟ୍ରଙ୍ଗ ହୋଇଥାଏ ଯେ, ସେମାନେ ଅନ୍ୟର ଭାବକୁ ବୁଝିପାରିବା ସହ କିଛି ଘଟଣାର ପୂର୍ବାଭାସ କରିପାରନ୍ତି। ଏଥିରେ ଆମର ପଞ୍ଚ ଇନ୍ଦ୍ରିୟର ବ୍ୟବହାର ହୋଇ ନ ଥାଏ। ଅର୍ଥାତ୍ ଏଥିରେ ଦେଖିବା, ଶୁଣିବା, ଶୁଙ୍ଘିବା, ଛୁଇଁବା ଓ ଚାଖିବା ଶକ୍ତିର ବ୍ୟବହାର କରାଯାଇ ନ ଥାଏ। ବରଂ ଏହା ଆମର ମନ ଓ ମସ୍ତିଷ୍କ ଶକ୍ତିରେ ହୋଇଥାଏ।

ମହାଭାରତ ଯୁଦ୍ଧ ସମୟରେ ସଞ୍ଜୟଙ୍କ ପାଖରେ ଯେଉଁ ଶକ୍ତି ଥିଲା, ଯାହା ମାଧ୍ୟମରେ ସେ ଧୃତରାଷ୍ଟ୍ରଙ୍କୁ ଯୁଦ୍ଧଭୂମିର ସମସ୍ତ ଘଟଣା ବର୍ଣ୍ଣନା କରୁଥିଲେ ତାହା ବି କୌଣସି ମାୟା କିମ୍ବା ଯାଦୁଶକ୍ତି ନ ଥିଲା ବୋଲି କିଛି ବୈଜ୍ଞାନିକ କୁହନ୍ତି। ବରଂ ତାହା ଟେଲିପାଥିର ଏକ ଉଦାହରଣ। ପ୍ରାଚୀନ କାଳରେ ମୁନି ଋଷିମାନେ ଏହି ଶକ୍ତି ବଳରେ ଅତୀତ, ଭବିଷ୍ୟତ ଜାଣିନେବା ସହ ଅନ୍ୟର ମନ କଥା ଜାଣି ଯାଉଥିଲେ। 'ଟେଲିପାଥି' ଶବ୍ଦର ବ୍ୟବହାର ସର୍ବପ୍ରଥମେ ୧୮୮୨ରେ ଫ୍ୟାଡ୍ରିକ ଡବ୍ଲ୍ୟୁ ଏଚ୍ ମାୟର୍ସ କରିଥିଲେ। ଏହା ପାରାମନୋବିଜ୍ଞାନର ବିଷୟ, ଯେଉଁଥିରେ ଟେଲିପାଥିର ବିଭିନ୍ନ ପ୍ରକାର ଅଛି ବୋଲି କୁହାଯାଏ।

ଟେଲିପାଥର ଅନେକ ଉପକାରିତା ଅଛି। ଯେବେ ବି ଜଣେ ନିଜର ବିଚାରକୁ ମୌଖିକ ରୂପରେ ବୁଝାଇବାରେ ସକ୍ଷମ ନ ହୁଅନ୍ତି ଅବା ଭାଷାରେ ନିଜ ମନର କଥାକୁ ବ୍ୟକ୍ତ କରିପାରନ୍ତି ନାହିଁ ସେତେବେଳେ ଟେଲିପାଥି କାମ ଦିଏ। ଟେଲିପାଥି ବାହାରୁ ଶିଖିବା ଜିନିଷ ନୁହେଁ। ଏହା ସମସ୍ତଙ୍କ ଭିତରେ ପ୍ରଥମରୁ ମହଜୁଦ ଥାଏ। ହେଲେ ଅନେକେ ନିଜର ଏହି କ୍ଷମତା ସମ୍ପର୍କରେ ଅବଗତ ନ ଥାଆନ୍ତି। ତେଣୁ ତା' ସହ ସମ୍ପର୍କ ସ୍ଥାପନ କରି ପାରି ନ ଥାଆନ୍ତି।

ଆଜିକାଲି ଆମେ ଆମର ମସ୍ତିଷ୍କକୁ ଏମିତିଭାବେ କରି ଦେଇଛୁ ଯେ, ଆଖପାଖର ଲୋକଙ୍କ ସହ ଭାବର ଆଦାନ ପ୍ରଦାନ ଲାଗି ବି ଆମେ ବିଭିନ୍ନ ଗ୍ୟାଜେଟ୍‌ସ ଉପରେ ନିର୍ଭର କରୁଛୁ। ଆମେ ଜାଣୁନା ଯେ, ଟେଲିପାଥିର ଶକ୍ତି ଆମ ଭିତରେ ହିଁ ଅଛି। କେବଳ ଏହାକୁ ଉଜାଗର କରିବା ଜରୁରୀ। ତେଣୁ ବିଭିନ୍ନ ମାଧ୍ୟମରେ ଆମେ ଭାବର ଆଦାନ ପ୍ରଦାନ କରୁ। ହେଲେ ଏହି ଶକ୍ତିକୁ ଉଜାଗର କରିବା ଏତେଟା ସହଜ ନୁହେଁ। ବହୁତ ସମୟ ଲାଗେ ଏହାକୁ ଉଜାଗର କରିବା ପାଇଁ। ଧ୍ୟାନ, ପ୍ରାଣାୟାମ, ଏକାଗ୍ରତା ଦ୍ୱାରା ଏହା ଜାଗ୍ରତ ହୋଇପାରେ।

ଯେମିତିକି ଶବାସନରେ ଯାଇ ଆଖି ବନ୍ଦ କରି ପ୍ରତିଦିନ ଧ୍ୟାନ କରି ଯୋଗ ନିଦ୍ରାରେ ଯିବାକୁ ପ୍ରୟାସ କରନ୍ତୁ। ଯୋଗ ନିଦ୍ରା ଅର୍ଥାତ ଶରୀର ଓ କନ୍‌ସିୟସ ମାଇଣ୍ଡ ଏହି ଅବସ୍ଥାରେ ଶୋଇଯାଏ ହେଲେ ସବ୍ କନ୍‌ସିୟସ ମାଇଣ୍ଡ ଜାଗ୍ରତ ରହେ। ଏମିତିଭାବେ ଧୀରେ ଧୀରେ ଟେଲିପାଥି ଶକ୍ତି ଜାଗ୍ରତ ହୁଏ। ଆଉ ମାନସିକ ସ୍ତରରେ ବାର୍ତ୍ତା ପ୍ରେରଣ କରିହେବ।








# ତାମ୍ବଡ଼ି ସୁରଲା ମହାଦେବ ମନ୍ଦିର



**ଭଗବାନ ଶିବଙ୍କୁ ସମର୍ପିତ ଏହି ମନ୍ଦିରଟି ଗୋଆର ପଣଜିଠାରୁ ପ୍ରାୟ ୬୫ କି.ମି ଦୂରରେ ଥିବା ତାମ୍ବଡ଼ି ସୁରଲା ନାମକ ଏକ ସ୍ଥାନରେ ଅବସ୍ଥିତ। ଖାସ୍ ସେଥିପାଇଁ ଏହାର ନାମ ତାମ୍ବଡ଼ି ସୁରଲା ମହାଦେବ ମନ୍ଦିର ରଖାଯାଇଥିବା ବିଶ୍ୱାସ କରାଯାଏ। ମନ୍ଦିରଟିର ଭବ୍ୟ କାରୁକାର୍ଯ୍ୟ ସାଙ୍ଗକୁ ପ୍ରଭୁଙ୍କର ଅପାର କରୁଣା ଲଭିବାକୁ ପ୍ରାୟତଃ ଏଠାରେ ଭକ୍ତଙ୍କର ଭିଡ଼ ଦେଖିବାକୁ ମିଳିଥାଏ...**





ତାମ୍ବଡ଼ି ସୁରଲା ମହାଦେବ ମନ୍ଦିର ଭଗବାନ ଭୋଳାନାଥଙ୍କୁ ସମର୍ପିତ ଏକ ପ୍ରସିଦ୍ଧ ମନ୍ଦିର; ଯାହାକି ଗୋଆର ତାମ୍ବଡ଼ି ସୁରଲା ନାମକ ଏକ ସ୍ଥାନରେ ଅବସ୍ଥିତ। ଇତିହାସ ପୃଷ୍ଠା ଓଲଟାଇଲେ ଜଣାଯାଏ ଯେ, ଏହି ମନ୍ଦିରଟିକୁ କଦମ୍ବ ରାଜବଂଶର ସ୍ୱତନ୍ତ୍ର ବାସ୍ତୁକଳା ଶୈଳୀରେ ନିର୍ମିତ କରାଯାଇଛି। ପୂର୍ବେ ଗୋଆରେ କୁଆଡ଼େ ଅନେକ ମନ୍ଦିର ରହିଥିଲା। କିନ୍ତୁ ପରେ ପର୍ତ୍ତୁଗୀଜମାନେ ଏଠାକୁ ଆସିବା ପରେ ଧୀରେ ଧୀରେ ମନ୍ଦିର ସଂଖ୍ୟା ଏଠାରେ କମିବାକୁ ଲାଗିଲା। ତାମ୍ବଡ଼ି ସୁରଲା ମହାଦେବ ମନ୍ଦିର ଉପରେ କେଜାଣି କେମିତି ସେମାନଙ୍କର ଦୃଷ୍ଟି ପଡ଼ି ନଥିବାରୁ ଏହା ଭାଙ୍ଗିବାରୁ ବର୍ତ୍ତିଗଲା। ଯେଉଁଥିପାଇଁ ଏତେ ବର୍ଷର ଏହି ପୁରୁଣା ମନ୍ଦିରଟି ଏବେ ବି ଏଠାରେ ଦଣ୍ଡାୟମାନ ରହି ନିଜର ମହିମାକୁ ବିଚ୍ଛୁରିତ କରିଚାଲିଛି।

## ମନ୍ଦିରର ନିର୍ମାଣଶୈଳୀ

ଏହି ମନ୍ଦିରର ନିର୍ମାଣଶୈଳୀକୁ ନେଇ ଅନେକ ରୋଚକ କଥା ଶୁଣିବାକୁ ମିଳିଥାଏ; ଯେଉଁଥିପାଇଁ ମନ୍ଦିରର ବାସ୍ତବିକ ଉତ୍ପତି ଓ ବାସ୍ତୁକଳାକୁ ନେଇ ଏବେ ବି ଲୋକେ ସନ୍ଦେହ ଘେରରେ ଥିବା ଜଣାଯାଏ। ସୂଚନାନୁଯାୟୀ, ତାମ୍ବଡ଼ି ସୁରଲା ମନ୍ଦିରଟିକୁ କୁଆଡ଼େ ଏକ ଦୁର୍ଗମ ସ୍ଥାନରେ ତିଆରି କରାଯାଇଥିଲା; ଯାହାକି ନିକଟସ୍ଥ ଜନଗହଳି ସ୍ଥାନରୁ କିଛି ଦୂରରେ ରହିଥିଲା। ହୁଏତ ଏହି କାରଣ ପାଇଁ ପର୍ତ୍ତୁଗୀଜମାନଙ୍କର ନଜର ଏହି ମନ୍ଦିର ଉପରେ ପଡ଼ି ପାରିନଥିଲା ଆଉ ଏହା ଧ୍ୱଂସ ହେବାରୁ ବଞ୍ଚିଯାଇଥିଲା। ତେବେ ଅନ୍ୟ ସାଧାରଣ ମନ୍ଦିର ତୁଳନାରେ ଏହି ମନ୍ଦିର ହେଉ କି ଏହାର ପରିସର ସେତେ ବଡ଼ ନ ହୋଇପାରେ କିନ୍ତୁ ବାସ୍ତୁକଳା ଦୃଷ୍ଟିକୋଣରୁ ଦେଖିଲେ ଏହା ବେଶ୍ ଆଖିଦୃଶିଆ ହୋଇଥାଏ। ତେବେ ଏହି ମନ୍ଦିରର ଆଉ ଏକ ବିଶେଷତା ହେଉଛି ଏହି ମନ୍ଦିରର ଶୀର୍ଷ ଭାଗର କାମ ସମ୍ପୂର୍ଣ୍ଣ କରାଯାଇ ନାହିଁ। ତା'ଛଡ଼ା ମନ୍ଦିରର ମୁଖକୁ ପୂର୍ବ ଦିଗକୁ କରାଯାଇଛି, ଯଦ୍ୱାରା ସୂର୍ଯ୍ୟୋଦୟର ପ୍ରଥମ କିରଣ ସିଧାସଳଖ ଏହି ମନ୍ଦିରରେ ପୂଜା ପାଉଥିବା ଦେବତାଙ୍କ ଉପରେ ପଡ଼ିଥାଏ। ମନ୍ଦିରରେ ଏକ ମଣ୍ଡପ ମଧ୍ୟ ରହିଛି। ମହାଦେବଙ୍କ ସମେତ ଏଠାରେ ଭଗବାନ ବ୍ରହ୍ମା ଓ ବିଷ୍ଣୁଙ୍କର ପ୍ରତିମାକୁ ମଧ୍ୟ ପୂଜା କରାଯାଇଥାଏ।

## ମନ୍ଦିରର ପୂଜାବିଧ

ଏଠାରେ ଭକ୍ତଗଣଙ୍କ ନିମନ୍ତେ ସକାଳ ୭.୩୦ରୁ ସନ୍ଧ୍ୟା ୫.୩୦ ପର୍ଯ୍ୟନ୍ତ ଉକ୍ତ ମନ୍ଦିରଟି ଖୋଲା ରହିଥାଏ। ପ୍ରଭୁଙ୍କ ନୀତିକାନ୍ତି ବି ଏଠାରେ ବେଶ୍ ନିଷ୍ଠାର ସହ କରାଯାଇଥାଏ। କାରଣ ଏଠାରେ ପୂଜା ପାଉଥିବା ପ୍ରଭୁ ବେଶ୍ ପ୍ରତ୍ୟେକ୍ଷ। ମହାଶିବରାତ୍ରୀ ହେଉଛି ଏଠାକାର ଏକ ମୁଖ୍ୟ ପର୍ବ।

## ନିକଟସ୍ଥ ପର୍ଯ୍ୟଟନସ୍ଥଳୀ

ପର୍ଯ୍ୟଟକ ଏଠାକୁ ଆସିଲେ ଉକ୍ତ ମନ୍ଦିରକୁ ଦେଖି ପ୍ରଭୁ କୃପା ଲଭିବା ସହ ଆଖପାଖ ଅଞ୍ଚଳରେ ଥିବା ବିଭିନ୍ନ ପର୍ଯ୍ୟଟନସ୍ଥଳୀ ମଧ୍ୟ ବୁଲି ଦେଖିପାରିବେ। ଯେମିତିକି: ତାମ୍ବଡ଼ି ସୁରଲା ଜଳପ୍ରପାତ, ବୋଣ୍ଡଲା ବନ୍ୟପ୍ରାଣୀ ଅଭୟାରଣ୍ୟ, ମୋଲେମ ନ୍ୟାସନାଲ ପାର୍କ, ଦୁଧସାଗର ଜଳପ୍ରପାତ ଇତ୍ୟାଦି ଅନ୍ୟତମ।

## କେବେ ଓ କେମିତି ଯିବେ

ବର୍ଷର ସବୁ ସମୟରେ ଏଠାକୁ ଯିବାର ସୁବିଧା ଥିଲେ ହେଁ, ଖାସ୍ କରି ମହାଶିବରାତ୍ରୀ ଓ ଶ୍ରାବଣ ମାସରେ ଏଠାକୁ ଗଲେ ମନ୍ଦିରର ତଥା ପ୍ରଭୁଙ୍କର ଅପୂର୍ବ ସାଜଶୃଙ୍ଗାର ଦେଖିବାର ସୁଯୋଗ ମିଳିଥାଏ। ସେହିପରି ବର୍ତ୍ତମାନ ଏଠାକୁ ଯିବା ପାଇଁ ଗମନାଗମନର ବି ଭଲ ବ୍ୟବସ୍ଥା ରହିଛି। ପର୍ଯ୍ୟଟକ ନିଜ ସୁବିଧା ଅନୁସାରେ ଯେତେବେଳେ ଚାହିଁବେ ସେତେବେଳେ ଏଠାକୁ ବୁଲିଯାଇ ପ୍ରଭୁକୃପା ଲଭିପାରିବେ।



# ସୁନା ହଜିବା ଅଶୁଭ

ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ଯଦି କୌଣସି ବ୍ୟକ୍ତିଙ୍କ ସୁନା ହଜିଯାଏ, ତେବେ ଏହାକୁ ନକାରାତ୍ମକ ଶକ୍ତି ବୃଦ୍ଧି ଏବଂ ଦେବୀ ଲକ୍ଷ୍ମୀଙ୍କ ଆଶୀର୍ବାଦ ହ୍ରାସର ସଙ୍କେତ ବୋଲି ବିବେଚନା କରାଯାଏ। ଏହା ଆର୍ଥିକ କ୍ଷତି ଏବଂ ଟଙ୍କା ସମ୍ବନ୍ଧୀୟ ସମସ୍ୟାକୁ ମଧ୍ୟ ସୂଚିତ କରେ। ସୁନା ହଜିବା ଆର୍ଥିକ ଅସ୍ଥିରତା ଆଣିପାରେ ଏବଂ ଜୀବନରେ ଆର୍ଥିକ ଅସୁବିଧା ସୃଷ୍ଟି କରିପାରେ। ତେଣୁ ଏହାକୁ ଏକ ଅଶୁଭ ସଙ୍କେତ ଭାବରେ ବିବେଚନା କରାଯାଏ ଏବଂ ଏପରି ପରିସ୍ଥିତିରେ ବିଶେଷ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଏ।

ଯଦି ଆପଣ ରାସ୍ତାରେ କୌଣସି ସ୍ଥାନରେ ସୁନା ପଡ଼ିଥିବା ପାଆନ୍ତି, ତେବେ ଏହାକୁ ଉଠାଇବା ଠିକ୍ ନୁହେଁ ବୋଲି ବିବେଚନା କରାଯାଏ। କାରଣ ଏହା ଅନ୍ୟ କାହାର ଦୁର୍ଭାଗ୍ୟ ସହିତ ଜଡ଼ିତ ହୋଇପାରେ ଏବଂ ଏହାକୁ ଗ୍ରହଣ କରିବା ଦ୍ୱାରା ଆପଣଙ୍କ ଜୀବନରେ ନକାରାତ୍ମକ ଶକ୍ତି ଆସିପାରେ। ଏପରି ପରିସ୍ଥିତିରେ ସୁନାକୁ ସୁରକ୍ଷିତ ରଖିବା ବହୁତ ଗୁରୁତ୍ୱପୂର୍ଣ୍ଣ।

# ଏସିଆ କପ୍ ସୁପର୍-୪ : ସୁପର୍ ଓଭର୍‌ରେ ଜିତିଲା ଭାରତ




ଦୁବାଇ: ଚଳିତ ଏସିଆ କପ୍‌ର ଅନ୍ତିମ ସୁପର୍-୪ ମ୍ୟାଚ୍‌ରେ ଭାରତ ସୁପର୍ ଓଭର୍‌ରେ ଶ୍ରୀଲଙ୍କାକୁ ହରାଇ ଦେଇଛି। ଦୁବାଇ ଇଣ୍ଟରନାସ୍‌ନାଲ୍ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ଫାଇନାଲ୍‌ରେ ସ୍ଥାନ ପକ୍କା କରିସାରିଥିବା ଭାରତ ଅଭିଷେକ ଶର୍ମାଙ୍କ ଅର୍ଦ୍ଧଶତକ ବଳରେ ପ୍ରଥମେ ୫ ୱିକେଟ୍ ହରାଇ ୨୦୨ ରନ୍ କରିଥିଲା। ଜବାବରେ ଶ୍ରୀଲଙ୍କା ଓପ୍ନର୍ ପାଥୁମ୍ ନିସଙ୍କା ୧୦୭ ରନ୍‌ର ଶତକୀୟ ଇନିଂସ୍ ବଳରେ ୫ ୱିକେଟ୍ ବିନିମୟରେ ସମାନ ୨୦୨ ରନ୍ କରିଥିଲା। ମ୍ୟାଚ୍ ଟାଇ ହେବାର ସୁପର୍ ଓଭର୍ ଖେଳା ଯାଇଥିଲା। ପ୍ରଥମେ ଶ୍ରୀଲଙ୍କା ୫ ବଲ୍‌ରେ ୨ ୱିକେଟ୍ ହରାଇ ୨ ରନ୍ କରିଥିଲା। ଜବାବରେ ଭାରତ ପ୍ରଥମ ବଲ୍‌ରେ ୩ ରନ୍ କରି ବିଜୟୀ ହୋଇଛି।

୨୦୩ ରନ୍‌ର ବିଜୟ ଲକ୍ଷ୍ୟ ପିଛା କରୁଥିବା ଶ୍ରୀଲଙ୍କାକୁ ପ୍ରଥମ ଓଭର୍‌ରେ କୁସଲ ମେଣ୍ଡିସ୍ ଖାତା ଖୋଲିବା ପୂର୍ବରୁ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ବଲ୍‌ରେ ଶୁଭମନ୍ ଗିଲ୍‌ଙ୍କୁ କ୍ୟାଚ୍ ଦେଇ ଫେରିଥିଲେ। ଏହାପରେ ଓପ୍ନର୍ ପାଥୁମ୍ ନିସଙ୍କାଙ୍କ ସହ କୁସଲ ପରେରା ଧୈର୍ଯ୍ୟର ସହ ଖେଳି ନିଜ ନିଜର ଅର୍ଦ୍ଧଶତକ ପୂରଣ କରିଥିଲେ। ଉଭୟ ଦ୍ୱିତୀୟ ୱିକେଟ୍ ପାଇଁ ୧୨୭ ରନ୍‌ର ଶତକୀୟ ପାର୍ଟନରଶିପ୍ କରି ସ୍କୋର୍ ୧୨.୨ ଓଭର୍‌ରେ ୧୩୪ ରନ୍‌ରେ ପହଞ୍ଚାଇଥିଲେ। ଏହା ଟି-୨୦ ଏସିଆ କପ୍‌ରେ କୌଣସି ୱିକେଟ୍ ପାଇଁ ଶ୍ରୀଲଙ୍କାର ସର୍ବଶ୍ରେଷ୍ଠ ପାର୍ଟନରଶିପ୍ ହୋଇଥିବା ବେଳେ ଟି-୨୦ ଅନ୍ତର୍ଜାତୀୟରେ ତୃତୀୟ ସର୍ବାଧିକ ପାର୍ଟନରଶିପ୍। କୁସଲ ପରେରାଙ୍କୁ ୱିକେଟ୍ ପଛରେ କ୍ୟାଚ୍ ଆଉଟ୍ କରାଇ ବରୁଣ ଚକ୍ରବର୍ତ୍ତୀ ଏହି ପାର୍ଟନରଶିପ୍ ଭାଙ୍ଗିଥିଲେ। ପରେରା ଆଠ ଚୌକା ଓ ଗୋଟିଏ ଛକା ସହାୟତାରେ ୩୨ ବଲ୍‌ରେ ୫୮ ରନ୍ କରି ଆଉଟ୍ ହୋଇଥିଲେ। କ୍ୟାପ୍‌ଟେନ୍ ଚରିଥ୍ ଅସଲଙ୍କା ବ୍ୟକ୍ତିଗତ ୫ ରନ୍‌ରେ କୁଲଦୀପ୍ ଯାଦବଙ୍କ ଶିକାର ହୋଇଥିଲେ। ଏହାର ପରବର୍ତ୍ତୀ ଓଭର୍‌ରେ କାମିନ୍ଦୁ ମେଣ୍ଡିସ୍ ମାତ୍ର ୩ ରନ କରି ଫେରିଥିଲେ। ଶେଷ ଓଭର୍‌ରେ ବିଜୟ ପାଇଁ ଶ୍ରୀଲଙ୍କାକୁ ୧୨ ରନ୍‌ର ଆବଶ୍ୟକତା ଥିବାବେଳେ ପାଥୁମ୍ ନିସଙ୍କା ୧୦୭ ରନ୍ କରି ବରୁଣ ଚକ୍ରବର୍ତ୍ତୀଙ୍କ ଦ୍ୱାରା ଆଉଟ୍ ହୋଇଥିଲେ। ୧୭ତମ ଓଭର୍‌ରେ ଅର୍ଶଦୀପ୍‌ଙ୍କୁ ଛକା ମାରି ୫୨ ବଲ୍‌ରେ ଶତକ ପୂରଣ କରିଥିବା ପାଥୁମ୍ ନିସଙ୍କାଙ୍କ ୫୮ ବଲ୍‌ର ଇନିଂସ୍‌ରେ ୭ ଚୌକା ଓ ୬ ଛକା ସାମିଲ ଥିଲା। ଏହା ଟି-୨୦ ଅନ୍ତର୍ଜାତୀୟରେ ନିସଙ୍କା ପ୍ରଥମ ଶତକ। ଶେଷ ବଲ୍‌ରେ ତିନି ରନ୍‌ର ଆବଶ୍ୟକତା ଥିବା ବେଳେ ସନକା ଛକା ମାରି ସ୍କୋର୍ ସମାନ କରିଥିଲେ। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ଦ୍ୱିତୀୟ ଓଭର୍‌ରେ ହିଁ ଶୁଭମନ୍ ଗିଲ୍(୪)ଙ୍କ ୱିକେଟ୍ ହରାଇଥିଲା। ଗିଲ୍ ୪ ରନ୍ କରିଥବା ବେଳେ ମହୀଶ ତୀକ୍ଷଣାଙ୍କ ଦ୍ୱାରା କଟ୍ ଆଣ୍ଡ୍ ବୋଲ୍ଡ୍ ହୋଇଥିଲେ। ତେବେ ଏହାର ପ୍ରଭାବ ଅଭିଷେକ ଶର୍ମାଙ୍କ ଉପରେ ପଡ଼ିନଥିଲା। ସେ ୨୨ ବଲ୍‌ରେ ସାତ ଚୌକା ଓ ଦୁଇ ଛକା ସହାୟତାରେ ଅର୍ଦ୍ଧଶତକ ପୂରଣ କରିବା ସହିତ କ୍ୟାପ୍‌ଟେନ୍ ସୂର୍ଯ୍ୟକୁମାର ଯାଦବଙ୍କ ସହ ଦ୍ୱିତୀୟ ୱିକେଟ୍ ପାଇଁ ୫୯ ରନ୍ ଯୋଡ଼ିଥିଲେ। ସୂର୍ଯ୍ୟକୁମାରଙ୍କୁ ଏଲ୍‌ବିଡବ୍ଲ୍ୟୁ ଆଉଟ୍ କରି ୱାନିନ୍ଦୁ ହସରଙ୍ଗା ଏହି ପାର୍ଟନରଶିପ୍ ଭାଙ୍ଗିଥିଲେ। ସୂର୍ଯ୍ୟକୁମାର ୧୨ ରନ୍ କରି ଆଉଟ୍ ହୋଇଥିଲେ। ଏହାପରେ ଅଭିଷେକ ବ୍ୟକ୍ତିଗତ ୬୧ ରନ୍‌ରେ ଅସଲଙ୍କାଙ୍କ ଶିକାର ହୋଇଥିଲେ। ତାଙ୍କ ୩୧ ବଲ୍‌ର ଇନିଂସ୍‌ରେ ଆଠ ଚୌକା ଓ ଦୁଇଟି ଛକା ସାମିଲ ଥିଲା। ଚଳିତ ଏସିଆ କପ୍‌ରେ ଏହା ଅଭିଷେକଙ୍କ ଲଗାତାର ତୃତୀୟ ୫୦ ପ୍ଲସ୍ ସ୍କୋର୍। ୯୨ ରନ୍‌ରେ ୩ ୱିକେଟ୍‌ର ପତନ ପରେ ତିଳକ ବର୍ମା ଓ ସଞ୍ଜୁ ସାମ୍‌ସନ୍ ୬୬ ରନ୍‌ର ପାର୍ଟନରଶିପ୍ କରି ଟିମ୍‌ର ସ୍କୋର୍ ୧୫୦ ରନ୍ ପାର୍ କରାଇଥିଲେ। ସାମ୍‌ସନ୍ ୨୩ ବଲ୍‌ରେ ଗୋଟିଏ ଚୌକା ଓ ତିନି ଛକା ସହାୟତାରେ ୩୯ ରନ୍ କରି ବିଦାୟ ନେବାପରେ ହାର୍ଦ୍ଦିକ ପାଣ୍ଡ୍ୟା (୨) ଶସ୍ତାରେ ନିଜ ୱିକେଟ୍ ହରାଇଥିଲେ। ୧୬୨ ରନ୍‌ରେ ୫ ୱିକେଟ୍‌ର ପତନ ପରେ ତିଳକ ବର୍ମା ଓ ଅକ୍ଷର ପଟେଲ୍ ଆଉ କୌଣସି ୱିକେଟ୍‌ର ପତନ ଘଟିବାକୁ ନଦେଇ ସ୍କୋର୍ ୨୦୨ ରନ୍‌ରେ ପହଞ୍ଚାଇଥିଲେ। ଏହା ଟୁର୍ଣ୍ଣାମେଣ୍ଟ୍‌ରେ କୌଣସି ଟିମ୍ ପକ୍ଷରୁ ସର୍ବାଧିକ ସ୍କୋର୍। ତିଳକ ୩୪ ବଲ୍‌ରେ ଚାରି ଚୌକା ଓ ଗୋଟିଏ ଛକା ସହାୟତାରେ ୪୯ ରନ୍ ଏବଂ ଅକ୍ଷର ୧୫ ବଲ୍‌ରେ ଗୋଟିଏ ଲେଖାଏଁ ଛକା ଓ ଚୌକା ବଳରେ ୨୧ ରନ୍ କରି ଅପରାଜିତ ଫେରିଥିଲେ। ଶ୍ରୀଲଙ୍କା ପକ୍ଷରୁ ପାଞ୍ଚଜଣ ବୋଲର୍ ନିଜ ମଧ୍ୟରେ ୱିକେଟ୍ ବାଣ୍ଟି ନେଇଥିଲେ।

## ଇତିହାସ ରଚିଲେ ଅଭିଷେକ ଶର୍ମା

ଦୁବାଇ: ଚଳିତ ଏସିଆ କପ୍‌ର ଅନ୍ତିମ ସୁପର୍-୪ ମ୍ୟାଚ୍‌ରେ ଭାରତୀୟ ଓପ୍ନର୍ ଅଭିଷେକ ଶର୍ମା ଶ୍ରୀଲଙ୍କା ବିପକ୍ଷରେ ୨୨ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିବା ସହିତ ୩୧ ବଲ୍‌ରେ ୬୧ ରନ୍‌ର ଇନିଂସ୍ ଖେଳିଛନ୍ତି। ଏହା ମଧ୍ୟରେ ୮ ଚୌକା ଓ ଦୁଇ ଛକା ସାମିଲ। ନିଜର ଏହି ବିସ୍ଫୋରକ ଇନିଂସ୍ ଅବସରରେ ଅଭିଷେକ ଏକ ବଡ଼ ରେକର୍ଡ କରିଛନ୍ତି। ସେ ଟି-୨୦ ଏସିଆ କପ୍‌ର ଗୋଟିଏ ସିଜନ୍‌ରେ ସର୍ବାଧିକ ରନ୍ ସଂଗ୍ରହକାରୀ ବ୍ୟାଟର୍ ହୋଇଛନ୍ତି। ଏହି ମାମଲାରେ ସେ ପାକିସ୍ତାନୀ ବ୍ୟାଟର୍ ମହମ୍ମଦ ରିଜ୍‌ୱାନ୍‌ଙ୍କୁ ପଛରେ ପକାଇଛନ୍ତି। ରିଜ୍‌ୱାନ୍ ୨୦୨୨ ଏସିଆ କପ୍‌ରେ ମୋଟ ୨୮୧ ରନ୍ କରିଥିଲେ। ଚଳିତ ଟୁର୍ଣ୍ଣାମେଣ୍ଟ୍‌ରେ ବର୍ତ୍ତମାନ ସୁଦ୍ଧା ଅଭିଷେକ ୬ ମ୍ୟାଚ୍‌ରେ ୫୧.୫୦ ହାରାହାରିରେ ୩୦୯ ରନ୍ କରିଛନ୍ତି। ଏହା ମଧ୍ୟରେ ସେ ୩୧ ଚୌକା ଓ ୧୯ ଛକା ମଧ୍ୟ ମାରିଛନ୍ତି। ଏହା ବ୍ୟତୀତ ଅଭିଷେକ ନିଜ ଟି-୨୦ ଅନ୍ତର୍ଜାତୀୟ କ୍ୟାରିୟର୍‌ରେ ଭାରତ ପାଇଁ ଷଷ୍ଠ ଥର ୨୫ରୁ କମ୍ ବଲ୍‌ରେ ୫୦ ରନ୍ ପୂରଣ କରିଛନ୍ତି। ଏହି ମାମଲାରେ ସେ ପୂର୍ବତନ କ୍ୟାପ୍‌ଟେନ୍ ରୋହିତ ଶର୍ମାଙ୍କ ସମକକ୍ଷ ହୋଇଛନ୍ତି। ସାତ ଥର ଏହି କୀର୍ତ୍ତିମାନ କରିଥିବା ବର୍ତ୍ତମାନର କ୍ୟାପ୍‌ଟେନ୍ ସୂର୍ଯ୍ୟକୁମାର ଯାଦବ ଏହି ମାମଲାରେ ଶୀର୍ଷରେ ରହିଛନ୍ତି। ସେହିପରି ଅଭିଷେକ ଶର୍ମା ଟି-୨୦ ଅନ୍ତର୍ଜାତୀୟରେ ଲଗାତାର ସପ୍ତମ ଥର ଇନିଂସ୍‌ରେ ୩୦ରୁ ଅଧିକ ସ୍କୋର୍ କରିଛନ୍ତି। ଏହି ମାମଲାରେ ସେ ମହମ୍ମଦ ରିଜ୍‌ୱାନ୍ ଓ ରୋହିତ ଶର୍ମାଙ୍କ ସମକକ୍ଷ ହୋଇଛନ୍ତି।

# ଆଇସିସି ଟି-୨୦ ର୍‍ୟାଙ୍କିଙ୍ଗ୍: ଚାରି ବିଭାଗ ଶୀର୍ଷରେ ଭାରତ

ଦୁବାଇ: ଆଇସିସି ପକ୍ଷରୁ ବୁଧବାର ଜାରି କରାଯାଇଥିବା ସାପ୍ତାହିକ ଟି-୨୦ ର୍‍ୟାଙ୍କିଙ୍ଗ୍‌ରେ ଲଗାତାର ଦ୍ୱିତୀୟ ସପ୍ତାହ ବି ବ୍ୟାଟିଂ, ବୋଲିଂ ଓ ଅଲ୍‌ରାଉଣ୍ଡର୍ ତିନୋଟି ଯାକ ବିଭାଗରେ ଭାରତୀୟ ଖେଳାଳି ଶୀର୍ଷରେ ବଜାୟ ରହିଛନ୍ତି। ଏପରି କି ଟି-୨୦ ଟିମ୍ ର୍‍ୟାଙ୍କିଙ୍ଗ୍‌ରେ ଭାରତୀୟ ଟିମ୍ ଶୀର୍ଷରେ ରହିଛି। ଗତ ସପ୍ତାହରେ ମଧ୍ୟ ସମସ୍ତ ଚାରିଟି ଯାକ ବର୍ଗରେ ଭାରତର ଦବ୍‌ଦବା ରହିଥିଲା। ଗୋଟିଏ ଟିମ୍ ଏବଂ ଏହାର ଖେଳାଳିମାନେ କୌଣସି ଏକ ଫର୍ମାଟ୍‌ର ସମସ୍ତ ଚାରିଟି ବର୍ଗରେ ନମ୍ବର-୧ ସ୍ଥାନ ହାସଲ କରିବା ଏହା ପ୍ରଥମ ଘଟଣା। ଟି-୨୦ ବୋଲିଂ ର୍‍ୟାଙ୍କିଙ୍ଗ୍‌ରେ ବରୁଣ ଚକ୍ରବର୍ତ୍ତୀ ଶୀର୍ଷସ୍ଥାନ ବଜାୟ ରଖିଥିବା ବେଳେ ଅଭିଷେକ ଶର୍ମା ଏବଂ ହାର୍ଦ୍ଦିକ ପାଣ୍ଡ୍ୟା ଯଥାକ୍ରମେ ବ୍ୟାଟିଂ ଓ ଅଲ୍‌ରାଉଣ୍ଡର୍ ର୍‍ୟାଙ୍କିଙ୍ଗ୍‌ର ଶୀର୍ଷରେ କାଏମ ରହିଛନ୍ତି।

ବ୍ୟାଟିଂ ର୍‍ୟାଙ୍କିଙ୍ଗ୍ ଶୀର୍ଷ ସ୍ଥାନ ବଜାୟ ରଖିଥିବା ଅଭିଷେକ ଶର୍ମା ଓମାନ୍ ବିପକ୍ଷ ଭାରତର ଅନ୍ତିମ ଗ୍ରୁପ୍ ମ୍ୟାଚ୍‌ରେ ୩୮ ରନ୍ ଏବଂ ରବିବାର ପାକିସ୍ତାନ ବିପକ୍ଷରେ ୭୪ ରନ୍‌ର ଇନିଂସ୍ ଖେଳିଥିଲେ। ତାଙ୍କ ବ୍ୟତୀତ ତିଳକ ବର୍ମା ଗୋଟିଏ ସୋପାନ ଉପରକୁ ଉଠି ତୃତୀୟ ସ୍ଥାନରେ ପହଞ୍ଚିଛନ୍ତି। ପାକିସ୍ତାନୀ ବ୍ୟାଟର୍ ସାହିବଜାଦା ଫରହାନ୍ ୩୧ ସ୍ଥାନର ଲମ୍ଫ ପ୍ରଦାନ କରି ୨୪ ନମ୍ବରରେ ପହଞ୍ଚିଛନ୍ତି। ଏସିଆ କପ୍‌ରେ ଉନ୍ନତ ପ୍ରଦର୍ଶନ ଜାରି ରଖିଥିବା ୩୪ ବର୍ଷୀୟ ବରୁଣ ଚକ୍ରବର୍ତ୍ତୀ ବୋଲିଂ ର୍‍ୟାଙ୍କିଙ୍ଗ୍ ଶୀର୍ଷରେ ରହିଛନ୍ତି। ତାଙ୍କ ରେଟିଂ ପଏଣ୍ଟ ୭୪୭ ହୋଇଛି। ସେ ଗତ ସପ୍ତାହରେ ନମ୍ବର-୧ ସ୍ଥାନରେ ରହିଥିଲେ। ନ୍ୟୁଜିଲାଣ୍ଡର ଜ୍ୟାକବ୍ ଡଫି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ବାଂଲାଦେଶ ଫାଷ୍ଟ ବୋଲ୍ ମୁସ୍ତଫିଜୁର୍ ରହମାନ୍ ଛଅ ସ୍ଥାନର ଲମ୍ଫ ସହିତ ଦଶକୁ ସ୍ଥାନକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏହି ବାମହାତୀ ଫାଷ୍ଟ ବୋଲର୍ ଏସିଆ କପ୍‌ରେ ଗତ ଦୁଇଟି ମ୍ୟାଚ୍‌ରେ ୬ ୱିକେଟ୍ ନେଇଥିଲେ। ଭାରତୀୟ ଷ୍ଟାର୍ ହାର୍ଦ୍ଦିକ ପାଣ୍ଡ୍ୟା ଟି-୨୦ ଅଲ୍‌ରାଉଣ୍ଡର୍ ର୍‍ୟାଙ୍କିଙ୍ଗ୍‌ରେ ପ୍ରଥମ ସ୍ଥାନରେ ବଜାୟ ରହିଛନ୍ତି। ପାକିସ୍ତାନର ଅବରାର୍ ଅହମଦ ୧୨ ସ୍ଥାନ ଉପରକୁ ଉଠି ଚତୁର୍ଥରେ ପହଞ୍ଚିଛନ୍ତି। ତାଙ୍କ ରେଟିଂ ପଏଣ୍ଟ ୭୦୩ ରହିଛି।

## ଆଇଏସ୍‌ଏସ୍‌ଏଫ୍ ଜୁନିୟର୍ ଶୁଟିଂ ବିଶ୍ୱକପ୍

ନୂଆଦିଲ୍ଲୀ: ସ୍ଥାନୀୟ ତୁଲଗକାବାଦ୍‌ର ଡ. କର୍ନି ସିଂହ ରେଞ୍ଜ୍‌ରେ ଗୁରୁବାର ଆରମ୍ଭ ହୋଇଥିବା ଆଇଏସ୍‌ଏସ୍‌ଏଫ୍ ଜୁନିୟର୍ ବିଶ୍ୱକପ୍‌ର ପ୍ରଥମ ଦିନ ଅନୁଷ୍କା ଥୋକୁର୍‌ଙ୍କ ସ୍ୱର୍ଣ୍ଣ ସମେତ ଭାରତ ମହିଳା ୫୦ ମିଟର ରାଇଫଲ୍ ପ୍ରୋନ୍‌ରେ କ୍ଲିନ୍ ସ୍ୱିପ୍ କରିଛି। ଅନୁଷ୍କା ୬୨୧.୬ ସ୍କୋର୍ ସହିତ ପ୍ରଥମ ସ୍ଥାନ ହାସଲ କରିଥିବା ବେଳେ ଅଂଶିକା (୬୧୯.୨) ଓ ଆଧ୍ୟା ଅଗ୍ରୱାଲ୍ (୬୧୫.୯) ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ହୋଇଥିଲେ। ଅନୁଷ୍କା ନିକଟରେ କାଜାଖସ୍ତାନର ଶିମକେଣ୍ଟ୍‌ରେ ଆୟୋଜିତ ଏସୀୟ ଚାମ୍ପିଅନସିପ୍‌ରେ ଅଧିକ ଚ୍ୟାଲେଞ୍ଜିଂ ରାଇଫଲ୍ ୩-ପୋଜିସନ୍ ଜୁନିଅର୍ ସ୍ୱର୍ଣ୍ଣ ଜିତିଥିଲେ।

# ଡିସେମ୍ବର ୬-୭ରେ ଅଲ୍‌ଟ୍ରା ମାରାଥନ୍ 'ଦ ବର୍ଡର୍ ରନ୍'

ଜୈସଲମେର: ଦେଶର ସବୁଠୁ କଠିନ ଅଲ୍‌ଟ୍ରା ମାରାଥନ୍ 'ଦ ବର୍ଡର୍ ରନ୍' ରାଜସ୍ଥାନର ଜୈସମଲମେର୍‌ରେ ଆୟୋଜିତ ହେବ। ଏଥିରେ ସାରା ଦେଶର ୧୨୦୦ରୁ ଊର୍ଦ୍ଧ୍ୱ ଆଥ୍‌ଲେଟ୍ ଭାଗନେବେ। ମାରାଥନ୍ ଚଳିତ ବର୍ଷ ଡିସେମ୍ବର ୬ରୁ ୭ ତାରିଖ ପର୍ଯ୍ୟନ୍ତ ଲୋଙ୍ଗେୱାଲା ବର୍ଡର୍‌ରେ ହେବ। ଏହି ପୋଷ୍ଟ୍‌ରେ ୧୯୭୧ ଯୁଦ୍ଧରେ ପାକିସ୍ତାନ ପରାଜିତ ହୋଇଥିଲା। ଏହି ଯୁଦ୍ଧରେ ଶହିଦ୍ ଭାରତୀୟ ସୈନିକଙ୍କ ସ୍ମୃତିରେ ମାରାଥନ୍‌ର ଆୟୋଜନ କରାଯାଉଛି। ଏହା ତିନିଟି କାଟାଗୋରୀରେ ହେବ, ଯେଉଁଥିରେ ପ୍ରତ୍ୟେକ କିଲୋମିଟରରେ କେବଳ ଧୂଳି ଓ ଖରା ସହିତ ଲଢ଼େଇ କରି ଆଗକୁ ବଢ଼ିବାକୁ ହେବ। ପ୍ରତ୍ୟେକ ୧୦ କିଲୋମିଟରରେ ହାଇଡ୍ରେସନ୍ ପଏଣ୍ଟ, ଖାଦ୍ୟ-ପାନୀୟର ବ୍ୟବସ୍ଥା ସହି ମେଡିକାଲ୍ ସୁବିଧା ଉପଲବ୍ଧ ରହିବ। 'ଦ ବର୍ଡର୍ ରନ୍'ର ଆରମ୍ଭ ୨୦୧୮ରୁ ହୋଇଥିବା ଆୟୋଜକ କମ୍ପାନୀ ଦ ହେଲ୍ ରେସ୍‌ର ଫାଉଣ୍ଡର୍ ଏବଂ ରେସ୍ ଡାଇରେକ୍ଟର ବିଶ୍ୱାସ ସିନ୍ଧୁ କହିଛନ୍ତି। ଆଜି ଏହି ରେସ୍ ଭାରତର ସବୁଠୁ ବଡ଼ ଏବଂ ସବୁଠୁ କଠିନ ଅଲ୍‌ଟ୍ରା ମାରାଥନ୍‌ରେ ପରିଣତ ହୋଇଛି। ଏହି ମାରାଥନ୍‌ରେ ଆଥ୍‌ଲେଟ୍‌ଙ୍କୁ ୨୮ ଘଣ୍ଟା ମଧ୍ୟରେ ୧୬୦ କିଲୋମିଟର ଦୌଡ଼ିବାକୁ ପଡ଼ିବ।

ରେସ୍‌ର ଫ୍ଲାଗ୍-ଅଫ୍ ଡିସେମ୍ବର ୬ ତାରିଖ ଅପରାହ୍ନ ୧୨ଟା ବେଳେ ଜୈସଲମେର୍‌ର ଇନ୍‌ଡୋର ଷ୍ଟାଡିୟମ୍‌ରେ ହେବ। ସମାପନ ପର ଦିନ (ଡିସେମ୍ବର ୭) ସନ୍ଧ୍ୟା ୪ଟା ହେବ। ରେସ୍‌ରେ ଆଥ୍‌ଲେଟ୍‌ଙ୍କ ପୂରା ଧ୍ୟାନ ରଖାଯିବ। ଆଥ୍‌ଲେଟ୍‌ଙ୍କ ସୁବିଧା ପାଇଁ ୧୨ ଗାଡ଼ି ଉପଲବ୍ଧ ରହିବ। ସେହିପରି ଟୟଲେଟ୍ ଏବଂ ଚେଞ୍ଜିଂ ରୁମ୍ ମଧ୍ୟ ନିର୍ମାଣ କରାଯାଇଛି। ୨୦୨୪ରେ ଜମ୍ମୁର ରନର୍ ସମ୍ବିତ ଶର୍ମା ୧୬୦ କିଲୋମିଟର ରେସ୍‌କୁ ୧୬ ଘଣ୍ଟା ୧୦ ମିନିଟ୍‌ରେ ପୂରା କରି ନୂଆ ରେକର୍ଡ ସ୍ଥାପନ କରିଛନ୍ତି। ସେ ଭାରତ ରୋଡ୍ ରନିଂର ୧୬୧ କିଲୋମିଟର ଜାତୀୟ ରେକର୍ଡ ମଧ୍ୟ ନିଜ ନାମରେ କରିଛନ୍ତି।

ଆପଣଙ୍କର ଅଞ୍ଚଳର ଖବର କିମ୍ବା ନିଜର ଆଲେଖ୍ୟ ନିମ୍ନଲିଖିତ ଇ-ମେଲ୍‌ରେ ପଠାଇପାରିବେ।

ଯୋଗାଯୋଗ -
ରଣଜିତ୍ ପଟ୍ଟନାୟକ
ମୁଖ୍ୟ ପ୍ରତିନିଧି
Email:
mediatejaswini@gmail.com

**TARIFF**

Full Page B/W-10000
Half Page B/W-5000
Quarter Page B/W- 2500

Printed, Published & Owned by **Prof.Jatindra Nath Das** Bhubaneswar -751002, Dist.- Khordha, Orissa, Published at Plot No.: A/8, Bijaya Vihar, Nuagao P.o Sisupalgarh, Bhubaneswar-751002 Ph : 9937307725, Email: mediatejaswini@gmail.com
**Printed at :** Chandan Printers, Plot No.-3, Gopabandhu Chhak, Unit-8, Bhubaneswar, Odisha
**Editor : Sanja Sameer Mohapatra, ସମ୍ପାଦକ : ସଞ୍ଜ ସମୀର ମହାପାତ୍ର**